## ସଂକ୍ଷେପରେ

### ଉମରକୋଟ ଜଗନ୍ନାଥ ମନ୍ଦିରରେ ପହିଲି ଭୋଗ କାର୍ଯ୍ୟକ୍ରମ



ଉମରକୋଟ,୯।୧(ଡି.ଏନ.ଏ)- ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଉମରକୋଟ ଶ୍ରୀ ଜଗନ୍ନାଥ ମନ୍ଦିରରେ ପହିଲି ଭୋଗ କାର୍ଯ୍ୟକ୍ରମ ଚାଲୁ ରହିଛି। ରାତି ୨ ଟାରେ ସମୟରେ ରୋଷେଇ ଆରମ୍ଭ କରାଯାଇ ପ୍ରାତଃ ସମୟରେ ଏହି ପହିଲି ଅନ୍ନଭୋଗ ଶ୍ରୀଜଗନ୍ନାଥଙ୍କ ନିକଟରେ ଭୋଗ ଲାଗି କରାଯାଉଛି। ଏହା ପରେ ମାଟି ପାତ୍ର ସାହାଯ୍ୟରେ ଭକ୍ତମାନଙ୍କୁ ଭୋଗ ଦିଆଯିବାର ବ୍ୟବସ୍ଥା କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଦୋବେତ୍ତର କମିଟିର ସମ୍ପାଦକ ରାମ ନାୟକ, କମିଟି ସଭ୍ୟ ଶାନ୍ତନୁ ସିଂ, ରଜତ କୁମାର ସାନ୍ତା, ଗଣେଷ ପାଢୀ, ଲକ୍ଷ୍ମୀକାନ୍ତ ନାୟକ, ସୁରେଶ ବାଣୁଆ ପ୍ରମୁଖଙ୍କ ଦ୍ୱାରା ସମ୍ପାଦିତ ହେଉଛି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର ବଣ୍ଟନ

ଡାବୁଗାଁ, ୯।୧ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ନିକଟସ୍ଥ ଗରୁଡଗୁଡା ଗ୍ରାମ ସ୍ଥିତ ଶ୍ରୀ ଜଗନ୍ନାଥ ମାଝୀ ଅନ୍ଧ, ମୂକ, ବଧିର ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଶୀତବସ୍ତ୍ର ବୁଧବାର ବଣ୍ଟନ କରାଯାଇଛି । ଡାବୁଗାଁ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁରେଶ କୁମାର ସେଠୀ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ଚାଦର ପ୍ରଦାନ କରିଛନ୍ତି ବିଦ୍ୟାଳୟର ମୋଟ ୩୭ ଛାତ୍ରୀ ଛାତ୍ରଙ୍କୁ ବଣ୍ଟନ କରାଯାଇଛି । ଏଥିରେ ଡାବୁଗାଁ ବ୍ଲକ ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ପୂର୍ବତନ ସହକାରୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ମାଝୀ, କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଖାଡଙ୍ଗା, ସାମାଜିକ କର୍ମୀ ସୁରେନ୍ଦ୍ର କୁମାର ମିଶ୍ର ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ ।

ତେନ୍ତୁଳିଖୁଣ୍ଟି ବିଡିଓଙ୍କ ବଦଳି ଦାବି

### ରାଜ୍ୟପାଳଙ୍କୁ ଭେଟିବ ଭାଜପା ପ୍ରତିନିଧି

ନବରଙ୍ଗପୁର,୯।୧(ବି.ପ୍ର.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବିଡିଓଙ୍କ ବଦଳି ଦାବିରେ ତେନ୍ତୁଳିଖୁଣ୍ଟି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଥିଲା । ଜିଲାପାଳଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ତେବେ ତେନ୍ତୁଳିଖୁଣ୍ଟି ବିଡିଓଙ୍କ ବଦଳି ଦାବି ନେଇ ଦଳର ସହମତି କ୍ରମେ ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ଭେଟି ଅଭିଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜିଲା ସଭାପତି ବିଷୋୟୀ ପ୍ରେସ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି।

# ବୃଦ୍ଧାଙ୍କୁ ମାରି ଜଗି ରହିଥିଲେ ଭାଲୁ

- ୩ ଦିନ ହେଲା ବୃଦ୍ଧା ନିଖୋଜ ଥିଲେ
- ନିଆଁ ହୁଲା ଓ ବାଣ ଫୁଟାଇ ଭାଲୁକୁ ଘଉଡାଇବା ପରେ ଉଦ୍ଧାର ହେଲା ମୃତଦେହ

ନବରଙ୍ଗପୁର,୯।୧(ବି.ପ୍ର.)

ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବାକୁ ଜଣେ ବୃଦ୍ଧା ଯାଇଥିବା ବେଳେ ଭାଲୁ ହାବୁଡରେ ପଡିଥିଲେ। ଭାଲୁ ଆକ୍ରମଣରେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ତେବେ ଭାଲୁଟି ମୃତଦେହ ନିକଟରୁ ଯାଇ ନ ଥିଲା। ମୃତଦେହ ନିକଟରେ ୨ ଶାବକ ସହ ମା' ଭାଲୁ ଜଗି ରହିଥିଲା। ୩ ଦିନ ଧରି ଜଙ୍ଗଲରେ ମୃତଦେହକୁ ଭାଲୁ ଜଗି ରହିବା ପରେ ସ୍ଥାନୀୟ ଲୋକ ଗୁରୁବାର ଏହା ଦେଖିଥିଲେ। ବନବିଭାଗ କର୍ମଚାରୀ ଓ ପୋଲିସର ମିଳିତ ଉଦ୍ୟମରେ ଭାଲୁକୁ ଘଉଡାଇ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ସିନ୍ଧିଗୁଡା ଗାଁର ଗୌରୀ ଅମନାତ୍ୟ(୭୦)। ସେ ୬ ତାରିଖରେ ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବା ପାଇଁ ଯାଇଥିଲେ। କିନ୍ତୁ ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇନଥିଲେ । ଗୁରୁବାର ସ୍ଥାନୀୟ ଲୋକ ଜଙ୍ଗଲକୁ ଯାଇ ଖୋଜିଥିଲେ । ଗୌରୀଙ୍କ ମୃତଦେହ ପଡିଥିବା ବେଳେ ନିକଟରେ ୨ଟି ଛୁଆ ସହ ଭାଲୁ ଜଗି ରହିଛି। ଏନେଇ ରେଞ୍ଜର ଓ ନବରଙ୍ଗପୁର ଥାନାକୁ ଖବର ଦେଇଥିଲେ । ଖବର ପାଇ ଏସପି ନୀତିନ କୁସଲକର, ଥାନା ଅଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଥାନା ଅଧିକାରୀ ପ୍ରମିଳା ବିଡିକା, ଏଏସଆଇ ଅଶୋକ କୁମାର ଦେଓ, ଖିରସିନ୍ଧୁ ସାହୁ, କନଷ୍ଟେବଳ ଅନିଲ ପୃଷ୍ଟି, ରେଞ୍ଜର ମନୋଜ କୁମାର ପାତ୍ର, ଫରେଷ୍ଟର ମନୋରଞ୍ଜନ ପଟ୍ଟନାୟକ, ୱାଇଲ୍ଡ ଲାଇଫ ସ୍କ୍ୱାଡ ପହଞ୍ଚି ଅଖାରେ କିରୋସିନ ଢାଳି ନିଆଁ ହୁଲା ଦେଖାଇ ବାଣ ଫୁଟାଇ ଭାଲୁକୁ ଘଉଡାଇଥିଲେ । ତେବେ ଗୋଟିଏ ଛୁଆ ଭାଲୁ ମୃତଦେହ ନିକଟରେ ରହିଯାଇଥିଲା । ପରେ ମୃତଦେହ ଉଦ୍ଧାର କରି ଜଙ୍ଗଲରୁ ବାହାରକୁ ଅଣାଯାଇଥିଲା । ବନବିଭାଗ ପକ୍ଷରୁ ମୃତ ପରିବାରଙ୍କୁ ୨୦ ହଜାର ଟଙ୍କା ତୁରନ୍ତ କ୍ଷତି ପୂରଣ ଦେବା ସହ ସରକାରଙ୍କ ପକ୍ଷରୁ ରହିଥିବା ନିୟମ ପ୍ରକାରେ ଅନ୍ୟ ସହାୟତା ପରିବାର ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା ।



ଭାଲୁ କବଳରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ବେଳେ ଉପସ୍ଥିତ ଲୋକମାନେ ।

- ଜବରଦସ୍ତି କରାଯାଇଥିଲା ବିବାହ

## ପ୍ରେମିକଙ୍କ ସହଯୋଗରେ ହରିୟାଣାରୁ ଫେରିଲେ ପ୍ରେମିକା

ପାପଡାହାଣ୍ଡି,୯।୧(ଡି.ଏନ.ଏ)

ଅନିଚ୍ଛା ସତ୍ତ୍ୱେ ପରିବାର ଲୋକେ ସୁଦୂର ହରିୟାଣାରେ କରାଇଥିଲେ ବିବାହ। ଏହା ପରେ ଯୁବତୀ ଜଣକ ନିର୍ଯାତନାର ଶିକାର ହୋଇଥିଲେ। ହେଲେ ନିଜ ପ୍ରେମିକଙ୍କ ହସ୍ତକ୍ଷେପ ପରେ ସୁଦୂର ହରିୟାଣାରୁ ଯୁବତୀ ଜଣକ ଉଦ୍ଧାର ହୋଇପାରିଛନ୍ତି । ସେଠାରେ ପରିବାର ଲୋକେ ଯୁବତୀଙ୍କୁ ଜବରଦସ୍ତ ବିବାହ କରାଇଥିବା ସେ ଅଭିଯୋଗ କରିଛନ୍ତି । ନବରଙ୍ଗପୁର ଜଲା ପାପଡାହାଣ୍ଡି ବ୍ଲକରେ ଏଭଳି ଘଟଣାଟି ଘଟିଛି । ଯୁବତୀଙ୍କ ସହ ଉକ୍ତ ଗ୍ରାମର ଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ରହିଥିଲା। ଗତ ବର୍ଷ ମେ ମାସରେ ଦୁହେଁ ଏକାଠି ରହୁଥିଲେ। କିନ୍ତୁ ଦୁଇ ମାସ ପରେ ଉଭୟଙ୍କ ମଧ୍ୟରେ ମତାନ୍ତର ହୋଇଥିଲା । ଇତି ମଧ୍ୟରେ ଯୁବତୀଙ୍କ ପରିବାର କେତେ ଜଣ ଦଲାଲଙ୍କ ପ୍ରଲୋଭନରେ ପଡି ଥିଲେ। ଝିଅର ଅନିଚ୍ଛା ସତ୍ତ୍ୱେ ସୁଦୂର ହରିୟାଣା ରାଜ୍ୟର ଫାଡ଼ିଆବାଘ ଜିଲା କମଳୱାଲ ଗ୍ରାମରେ ୧୮।୯।୨୦୧୯ ତାରିଖରେ ବିବାହ କରାଇଥିଲେ । ସେଠାରେ କିଛି ମାସ ରହିବା ପରେ ତାଙ୍କୁ ଶ୍ୱଶୁର ଘର ଲୋକେ ଅତ୍ୟାଚାର କରିଥିଲେ। ନିର୍ଯାତନାର ଶିକାର ହୋଇ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ । କିନ୍ତୁ ପରିବାର ଲୋକେ କିଛି ହସ୍ତକ୍ଷେପ ନ କରିବାରୁ ପ୍ରେମିକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ । ଏ ନେଇ ପ୍ରେମିକ ଜଣକ ଜିଲାପାଳ ଓ ଏସପିଙ୍କୁ ଜଣାଇବା ପରେ ପାପଡାହାଣ୍ଡି ପୋଲିସର ଏକ ଟିମ ଗତ ଶନିବାର ହରିୟାଣା ଯାଇ ଯୁବତୀଙ୍କୁ ଉଦ୍ଧାର କରି ଆଣିଥିଲେ। ନବରଙ୍ଗପୁର ସ୍ୱାଧାର ଗୃହରେ ଯୁବତୀଙ୍କୁ ରଖାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି। ଯୁବତୀଙ୍କୁ ଏକ ଠିକ ସ୍ଥାନରେ ଥଇଥାନ ସହ ଯେଉଁମାନେ ପଠାଇ ହଇରାଣ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ପାପଡାହାଣ୍ଡି ଥାନାରେ ନଂ. ୧୭୪/୧୯ରେ ଏକ ମାମଲା ରୁଜୁ ହୋଇ ପୋଲିସ ତଦନ୍ତ କରୁଛି।

# କମୁଛି ଛାତ୍ରୀଛାତ୍ରଙ୍କ ଉପସ୍ଥାପନ

ଝରିଗାଁ,୯।୧(ସ୍ୱ.ପ୍ର)–

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଗ୍ରାମାଞ୍ଚଳ ବିଦ୍ୟାଳୟରେ ପିଲାମାନଙ୍କ ଉପସ୍ଥାପନ କମିବାରେ ଲାଗିଛି। ସ୍ଥାନୀୟ ଅଭିଭାବକ ସଚେତନତାର ଅଭାବ ଲାଗି ଏପରି ଘଟୁଛି। ବିଶେଷ କରି ବର୍ତ୍ତମାନ ଚାଷ ସମୟ ହୋଇଥିବାରୁ ପିଲାମାନଙ୍କୁ ସ୍କୁଲ ଛାଡି ଅଭିଭାବକମାନେ ବିଭିନ୍ନ କାମରେ ଲଗାଉଛନ୍ତି। ବ୍ଲକର ଇଚ୍ଛାପୁର ପଞ୍ଚାୟତ ଗୋଇଚରା ଗ୍ରାମରେ ୨୦୧୪ ମସିହାରେ ପିଲାଙ୍କ ପାଠପଢାର ବିକାଶ ନେଇ ନୂତନ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ କରାଯାଇଥିଲା। ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ କରିବା ନେଇ ସେଠାରେ ସ୍କୁଲ, ରୋଷେଇ ଗୃହ, ପାଇଖାନା ଆଦି ନିର୍ମାଣ କରାଯିବା ସହ ପାନୀୟ ଜଳ ନେଇ ନଳକୂପ ଖନନ କରାଯାଇଛି। ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ରହିଥିବା ବେଳେ ଗୋଇଚଚରା ଏବଂ ବେନ୍ଦରାପାଣି ଆଦି ଗ୍ରାମରୁ ୩୪ ଝିଅପୁଅ ନାମ ଲେଖାଇଛନ୍ତି। ଏଥି ସକାଶେ ଦୁଇ ଜଣ ସରକାରି ତାଲିମ ପ୍ରାପ୍ତ ଶିକ୍ଷକ ମଧ ନିଯୁକ୍ତି ହୋଇଛନ୍ତି। ମଙ୍ଗଳବାର ସେହି ବିଦ୍ୟାଳୟରେ ମୋଟ ୯ ଛାତ୍ର ପାଠ ପଢୁଥିବା ବେଳେ ଶିକ୍ଷାଦାନ ପାଇଁ ମାତ୍ର ଜଣେ ଶିକ୍ଷକ ରହିଥିବା ଦେଖିବାକୁ ମିଳିଥିଲା। ଗ୍ରାମରେ ସ୍କୁଲ ରହିଥିଲେ ମଧ ପିଲାମାନେ ସ୍କୁଲକୁ ନିୟମିତ ଯାଉନଥିବା ନେଇ କିଛି ଅବିଭାବକଙ୍କୁ ପଚାରିବାରୁ ସେମାନେ ପିଲାଙ୍କ ପାଠ ପଢା ନେଇ ଗୁରୁତ୍ୱ ପ୍ରକାଶ କରିନଥିଲେ। ଏପରିକି ନିଜ ପିଲାମାନଙ୍କୁ ଚାଷ ସମୟରେ ସ୍କୁଲ ପଠାଇବା ବଦଳରେ ଚାଷ କାମରେ ନିୟୋଜିତ କରୁଥିବା ଦେଖିବାକୁ ମିଳିଛି। ସଚେତନତା ଅଭାବ ଯୋଗୁ ଅଭିଭାବକମାନେ ଝିଅପୁଅମାନେ ନିୟମିତ ବିଦ୍ୟାଳୟକୁ ଆସିନଥାନ୍ତି।



ପିଲାମାନଙ୍କୁ ଶିକ୍ଷାଦାନ କରାଯାଉଛି ।

## ଅଶ୍ଳୀଳ ଆଚରଣ କରି ୨ ଶିକ୍ଷକ ଗିରଫ ଘଟଣା କାର୍ଯ୍ୟାନୁଷ୍ଠାନ ନେଉନି ଶିକ୍ଷା ବିଭାଗ

ଡାବୁଗାଁ,୯।୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମାନିଗାଁ ପଞ୍ଚାୟତ ଅଧୀନ ଏକ ବିଦ୍ୟାଳୟର ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା ପ୍ରଧାନ ଶିକ୍ଷକ ଅଶ୍ଳୀଳ କାର୍ଯ୍ୟ କରାଇବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ଛାତ୍ରୀଙ୍କ ବାପା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ପୂର୍ବରୁ ସହକାରୀ ଶିକ୍ଷକ ମନୋଜ ମଧ ଏଭଳି କାର୍ଯ୍ୟ କରାଇଥିବା ଛାତ୍ରୀଙ୍କ ବାପା ଏତଲାରେ ଦର୍ଶାଇଥିଲେ। ଏହି ଘଟଣାର ତଦନ୍ତ କରି ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ପଟ୍ଟନାୟକ ଓ ସହକାରୀ ଶିକ୍ଷକ ମନୋଜ ନାୟକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ତେବେ ଏହି ଘଟଣାରେ ଶିକ୍ଷା ବିଭାଗ ପକ୍ଷରୁ ୨ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଥାନାରେ ଅଭିଯୋଗ ହେବା ଦିନ ଠାରୁ ଏ ପର୍ଯ୍ୟନ୍ତ ଶିକ୍ଷା ବିଭାଗ ଚୁପ ହୋଇ ବସିଛି ।



ନବରଙ୍ଗପୁର ସହରର ମୁଖ୍ୟରାସ୍ତାରେ ଗୁରୁବାର ସକାଳେ ଘନ କୁହୁଡି ।

## ବାଦାମ ବିହନ ନ ମିଳିବାରୁ ଚାଷୀ ଅସନ୍ତୋଷ

କାଲିମେଳା,୯।୧(ଡି.ଏନ୍.ଏ.)

କାଲିମେଳା ବ୍ଲକରେ ରବି ଫସଲ ପାଇଁ ଜାତୀୟ ଖାଦ୍ୟ ନିରାପତା ମିଶନ ତୈଳବୀଜ ପକ୍ଷରୁ ପ୍ରଦାନ କରାଯାଉଥିବା ବାଦାମ ବିହନ ନପାଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗୁରୁବାର ବ୍ଲକର ବେଜାଙ୍ଗିବାଡା, ଗୁମୁକା, ଚିନ୍ତଲବାଡା, ଗମ୍ପାକୋଣ୍ଡା ପଞ୍ଚାୟତରୁ ଶତାଧିକ ବାଦାମ ଚାଷୀ କାଲିମେଳା କୃଷି କାର୍ଯ୍ୟାଳୟକୁ ଆସି ବାଦାମ ନପାଇ ଫେରିଯାଇଥିଲେ। ପୂର୍ବରୁ ଚାଷୀଙ୍କୁ ୬୦ କେ.ଜି ସବ୍‌ସିଡି କିଣା ବାଦାମ ସହ ୪୦ କିଲୋ ବାଦାମ ମାଗଣାରେ ଦିଆଯାଉଥିଲା। ପୂର୍ବରୁ ଚାଷୀଙ୍କୁ ୧ କୁଇଣ୍ଟାଲ ବାଦାମ ବିହନକୁ ୩୧୨୦ ଟଙ୍କାରେ ବିକ୍ରି କରାଯାଉଥିଲା। କିନ୍ତୁ ଏବେ କୁଇଣ୍ଟାଲ ପିଛା ୫୨୦୦ ଟଙ୍କା ଦେବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି। ଦାୟିତ୍ୱରେ ଥିବା ଭିଏଡବ୍ଲୁ ଚାଷୀମାନଙ୍କୁ ୩୧୨୦ ଟଙ୍କାର ବାଦାମ କିଣିବା ପାଇଁ ରସିଦ ଦେଇଥିବା ବେଳେ ଚାଷୀ ମାନଙ୍କୁ ବାଦାମ ମିଳି ପାରିନି। ଏ ନେଇ କୃଷି କାର୍ଯ୍ୟାଳୟରେ ଭିଡ଼ ଦେଖାଦେଇଛି। ଏ ନେଇ କାଲିମେଳା ସହକାରୀ କୃଷି ଅଧିକାରୀ ସୁକାନ୍ତୀ ବାକାଙ୍କୁ ପଚାରିବାରୁ ସେ କହିଥିଲେ ବାଦାମ ବିହନର ପ୍ରକୃତ ଦାମ କୁଇଣ୍ଟାଲ ପ୍ରତି ୮୨୩୬ ଟଙ୍କା। ଚାଷୀମାନଙ୍କୁ କିନ୍ତୁ ସବ୍‌ସିଡିରେ ୫୨୦୦ ଟଙ୍କାରେ ଦିଆଯାଉଛି। ଚଳିତ ବର୍ଷ ଅଧିକ ଚାଷୀ ବାଦାମ ନେବାକୁ ଆସୁଥିବାରୁ ଏପରି ସମସ୍ୟା ଦେଖାଦେଇଛି। ପ୍ରତି ଚାଷୀକୁ ୬୦ କେଜି ସବ୍‌ସିଡି ବାଦାମ ଯାହାର ମୂଲ୍ୟ ୩୧୨୦ ଟଙ୍କା ହିସାବରେ ଦିଆଯାଉଥିଲା। ତା ସହ ୪୦ କେଜି ମାଗଣା ବାଦାମ ମଧ ମିଳୁଥିଲା। କିନ୍ତୁ ଏବେ ମାଗଣା ବାଦାମ ସରିଯିବାରୁ ଚାଷୀଙ୍କୁ ଏକ କୁଇଣ୍ଟାଲ ବାଦାମ ୫୨୦୦ ଟଙ୍କାରେ କିଣିବାକୁ ପଡୁଛି। ଏ ସମସ୍ୟା ଜିଲା ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି। ଯେଉଁ ଚାଷୀମାନଙ୍କୁ ପୂର୍ବରୁ ରସିଦ ଦିଆଯାଇଛି ସେମାନେ ନିର୍ଦ୍ଧାରିତ ସମୟରେ ବାଦାମ ନ ଉଠାଇବାରୁ ଚାଷୀମାନେ ଫ୍ରି ବାଦାମ ପାଇବାରୁ ବଞ୍ଚିତ ହୋଇଛନ୍ତି।

## ବନରାଜ କୁକୁଡ଼ା ଛୁଆ ବଣ୍ଟନ

ଉମରକୋଟ,୯।୧(ଡି.ଏନ.ଏ)

ଉମରକୋଟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଆତ୍ମା ତରଫରୁ କୃଷକଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ବନରାଜ କୁକୁଡା ଛୁଆ ବଣ୍ଟନ କରାଯାଇଥିଲା। ୧୨୬ ଜଣ କୃଷକଙ୍କୁ ୨୧ଟି ଗ୍ରୁପ କରି ୧୩୮୬ଟି ଏକ ମାସର ବଣରାଜ କୁକୁଡା ଛୁଆ ବଣ୍ଟନ କରାଯାଇଛି । ବନରାଜ କୁକୁଡାର ଯତ୍ନ କିପରି ନିଆଯିବ ସେ ସମ୍ପର୍କରେ ପ୍ରକାଶ ଚନ୍ଦ୍ର ମହାନ୍ତି ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଆତ୍ମାର ଚେୟାରମ୍ୟାନ ଶରତ ବେହେରା, ଜିଲା କୃଷି ଅଧିକାରୀ ସତ୍ୟ ନାରାୟଣ ସାମନ୍ତରାୟ, ଡବ୍ଲୁଇଏଓ ରଶ୍ମି ସାହୁ, ଡବ୍ଲୁଇଏଓ ନୀଳକଣ୍ଠ ପରିଡା ଉପସ୍ଥିତ ଥିଲେ।

# ଟୋକନ ମିଳୁନି, ଚାଷୀ ବିକିପାରୁନି ଧାନ

ଚନ୍ଦାହାଣ୍ଡି,୯।୧(ଡି.ଏନ.ଏ.)–

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଚଳିତବର୍ଷ ଧାନ ବିକ୍ରି କରିବା ପାଇଁ ଟୋକନ ପ୍ରଦାନରେ ବିଳମ୍ବ ଯୋଗୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଧିମାଗତିରେ ଧାନ ଉଠାଣ ହେଉଥିବାବେଳେ କେତେକ ମଣ୍ଡିରେ ଟୋକନ ନଥାଇ ମଧ ଚାଷୀ ଧାନ ଆଣି ମଣ୍ଡିରେ ରଖି ଟୋକନକୁ ଅପେକ୍ଷା କରୁଥିବା ଦେଖିବାକୁ ମିଳିଛି । ଚଳିତବର୍ଷ ଚନ୍ଦାହାଣ୍ଡି ବ୍ଲକରେ ଚନ୍ଦାହାଣ୍ଡି, ପୂଜାରୀଗୁଡା, ଧୋଡିପାଣି ଓ କୋଇଲିମୁଣ୍ଡା ମଣ୍ଡିରେ ଚାଷୀଙ୍କ ଧାନ କିଣିବା ପାଇଁ ଆରଏମସି ପକ୍ଷରୁ ସ୍ଥିର କରାଯାଇଛି । ଚଳିତବର୍ଷ ଧାନ ବିକ୍ରି କରିବା ପାଇଁ ୧୭୨୯ ଚାଷୀ ଲ୍ୟାମ୍ପ୍ସରେ ଆବେଦନ କରିଥିଲେ। ଏପର୍ଯ୍ୟନ୍ତ ୪ଟି ମଣ୍ଡିରେ ୪୪୧ ଚାଷୀଙ୍କ ୫୦ହଜାର ୪୧୨କୁଇଣ୍ଟାଲ ଧାନ କିଣାଯାଇଥିବା ଲ୍ୟାମ୍ପ୍ସ ଏମଡି ସୂଚନା ଦେଇଛନ୍ତି । ଚଳିତବର୍ଷ ବ୍ଲକରୁ ୨ଲକ୍ଷ ୨୦ହଜାର କୁଇଣ୍ଟାଲ ଧାନ ମାର୍ଚ୍ଚ ୩୧ତାରିଖ ସୁଦ୍ଧା କିଣାଯିବ ବୋଲି ଜଣାପଡିଛି । ଧାନ ଅମଳ ହୋଇ ଦୁଇମାସ ବିତିଯାଇଥିଲେ ମଧ ବ୍ଲକର ପାଖାପାଖି ୫୦ପ୍ରତିଶତ ଚାଷୀଙ୍କ ପାଖକୁ ଧାନବିକ୍ରି କରିବା ପାଇଁ ମେସେଜେ ଆସିନାହିଁ । ଚଳିତବର୍ଷ ଖରିଫ ଋତୁରେ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ରାଜ୍ୟ ସରକାରଙ୍କ ଯୋଗାଣ ବିଭାଗ ନୂତନ ପଦ୍ଧତି ଅବଲମ୍ବନ କରିଛି। ଚାଷୀ ଧାନ ବିକ୍ରିକରିବାକୁ ଲ୍ୟାମ୍ପ୍ସରେ ଅନଲାଇନ ମାଧମରେ ଆବେଦନ କଲା ପରେ ଭୁବନେଶ୍ୱରରୁ ଚାଷୀ କେତେ ଧାନ ଏବଂ କେଉଁ ମଣ୍ଡିରେ ବିକ୍ରି କରିବେ ତାହା ଚାଷୀଙ୍କ ମୋବାଇଲକୁ କିଛିଦିନ ଆଗରୁ ମେସେଜ ଆସୁଛି କିନ୍ତୁ ଏହି ବ୍ୟବସ୍ଥା ଯୋଗୁ ପ୍ରାୟ ୫୦ପ୍ରତିଶତ ଚାଷୀଙ୍କ ପାଖକୁ ଏପର୍ଯ୍ୟନ୍ତ ଧାନ ବିକ୍ରି ପାଇଁ ମେସେଜ ଆସି ନଥିବାରୁ ସେମାନେ ଚିନ୍ତାରେ ପଡିଛନ୍ତି । ଉତ୍ପାଦିତ ଧାନ ଘରେ ଏବଂ ଖଳାରେ ରହି ନଷ୍ଟ ହେଉଥିବାବେଳେ ଅଦିନିଆ ବର୍ଷାକୁ ଦେଖି ଚାଷୀଙ୍କ ନିଦ ହଜିଯାଉଛି। ଚାଷୀ ବାରମ୍ବାର ଲ୍ୟାମ୍ପସ ଏବଂ ମଣ୍ଡି ଆସି କର୍ମଚାରୀକୁ ନେହୁରା ହେଉଥିବା ଦେଖିବାକୁ ମିଳିଛି । ଶୀଘ୍ର ଏହାର ସମାଧାନ ପାଇଁ ଜିଲାପାଳ ଏବଂ ଯୋଗାଣ ବିଭାଗ ଦୃଷ୍ଟି ଦେବାକୁ ଚାଷୀଙ୍କ ପକ୍ଷରୁ ଅନୁରୋଧ କରାଯାଉଛି ।

# ଚାଷୀଙ୍କ ଆୟ ବୃଦ୍ଧି ପାଇଁ ପ୍ରୟାସ

ନବରଙ୍ଗପୁର,୯।୧(ବି.ପ୍ର)

ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ଥାନୀୟ ମିଶନ ଶକ୍ତି ହଲରେ ଭୂମି ରୂପାନ୍ତରଣ, ବର୍ଷାଜଳ ସଂରକ୍ଷଣ ଓ ସୂକ୍ଷ୍ମ ଜଳସେଚନ ଦ୍ୱାରା କୃଷି ଆୟ ଦ୍ୱିଗୁଣିତ ପଦ୍ଧତି ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ। ସେ କହିଲେ ଯେ, ଜନସଂଖ୍ୟା ଦ୍ରୁତ ବୃଦ୍ଧି ଯୋଗୁ ମୁଣ୍ଡପିଛା ଚାଷଜମି ଧୀରେ ଧୀରେ କମିବାରେ ଲାଗିଛି । ତେଣୁ ଭୂମି ରୂପାନ୍ତରଣ ମାଧ୍ୟମରେ ଏକ ସମୟରେ ଧାନ ଫସଲ ସହ ବିଭିନ୍ନ ପ୍ରକାର ପନିପରିବା ଚାଷ କଲେ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରିବ । ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ ଡକ୍ଟର ପ୍ରମୋଦ କୁମାର ପଣ୍ଡା କହିଲେ ଯେ, ପରବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ଅଳ୍ପଦିନ ମାତ୍ରାଧିକ ବର୍ଷା ଓ ମଝିରେ ମଝିରେ ଲମ୍ବା ମରୁଡି ହେବାର ସମ୍ଭାବନା ରହିଛି । ତେଣୁ ପୋଖରୀ ଖନନ ମାଧମରେ ମାତ୍ରାଧିକ ବର୍ଷାକୁ ସଂରକ୍ଷଣ କରି ମରୁଡି ସମୟରେ ଉପଯୋଗ କରିବା, ସେଥିରେ ମାଛ ଚାଷ କରିବା ଓ ପୋଖରୀ ହୁଡାରେ ଅଧିକ ଅମଳକ୍ଷମ ଅମୃତଭଣ୍ଡା ଚାଷ ଦ୍ୱାରା ଚାଷୀର ଆୟ ଦ୍ୱିଗୁଣିତ କରାଯାଇପାରିବ । ବରିଷ୍ଠ ବୈଜ୍ଞାନିକ ଡଃ ପ୍ରଭୁ କଲ୍ୟାଣ ପାଣିଗ୍ରାହୀ ସଂଗୃହିତ ବର୍ଷାଜଳକୁ ସୂକ୍ଷ୍ମସେଚନ ଦ୍ୱାରା କମ ପାଣିରେ କିପରି ରବି ଋତୁରେ ଅଧିକ ଉତ୍ପାଦନ କରାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜ କିଶୋର ଲେଙ୍କା, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ପ୍ରଦୋଶ କୁମାର ପଣ୍ଡା, ସାଇଣ୍ଟିଫିକ ଇଣ୍ଟରଭେନସନର ନୋଡାଲ ଅଫିସର ଆନନ୍ଦ ରାଓ ଏବଂ କ୍ରିୟାନ୍ୱୟନ କମିଟିର ସଦସ୍ୟ ଲକ୍ଷ୍ମୀନାରାୟଣ ବକ୍ସି କୃଷି ଆୟ ଦ୍ୱିଗୁଣିତ କରିବା ପାଇଁ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲାର କୃଷି ଓ କୃଷକ ସଶକ୍ତିକରଣ, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଫିସର ତଥା ବେସରକାରୀ ସଂଗଠନର ମୁଖ୍ୟ ଓ ଜିଲାର ଅଗ୍ରଣୀ ଚାଷୀ ଭାଗ ନେଇଥିଲେ। ଶେଷରେ ବୈଜ୍ଞାନିକ ଡକ୍ଟର ପାର୍ଥଦେବ ରାୟ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ ।


## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ASTROLOGY ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS BUSINESS

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ. ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୧୦ ଜାନୁୟାରୀ, ୨୦୨୦



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।

-କଲମ୍ବସ୍



## ସଂକ୍ଷେପରେ

### ଜବତ ଧାନ ସହ ଗାଡ଼ି ଛାଡ଼ିବାକୁ ଦାବି

ଜୟପୁର,୯।୧(ଡି.ଏନ୍.ଏ.): କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ବି. ମାଝିଗୁଡା ଗ୍ରାମର ଚାଷୀ ଗଣେଶ୍ୱର ସାହୁ ତାଙ୍କ ଜମିରୁ ଗତ ବର୍ଷର ଅମଳ ଧାନ ବିକ୍ରି ପାଇଁ ଆଣୁଥିଲେ। ପିକ୍‌ଅପ୍ ଭ୍ୟାନ୍ ସହ ୪୯ କୁଇଣ୍ଟାଲ ଏବଂ ବିକ୍ରି ପରେ ଚଳିତ ବର୍ଷର ନୂଆ ଧାନ ୨୦ କୁଇଣ୍ଟାଲ ସମୁଦାୟ ୭୦ କୁଇଣ୍ଟାଲ ଧାନକୁ ଯୋଗାଣ ବିଭାଗ ଦୁଇଦିନ ତଳେ ଜବତ କରିଛି। କିନ୍ତୁ ଉକ୍ତ ଧାନ ନିଜସ୍ୱ ୨ ଏକର ୩୦୮ ଡେସିମିଲ ଜମିରେ ଅମଳ ହୋଇଥଲା ବୋଲି ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଜଣାଇଛନ୍ତି ଗଣେଶ୍ୱର। ତେଣୁ ତୁରନ୍ତ ଜବତ ଗାଡ଼ି ଓ ଧାନ ଫେରାଇବାକୁ ସେ ଦାବି କରିଛନ୍ତି। ଗତ ବର୍ଷର ତାଙ୍କ ଚାଷ ଜମିରୁ ଅମଳ ପୁରୁଣା ଧାନ ୪୯ କୁଇଣ୍ଟାଲ ରହିଥିଲା। ଚଳିତ ବର୍ଷ ଅମଳ ୨୯ କୁଇଣ୍ଟାଲ ଧାନ ମଣ୍ଡିରେ ସରକାରଙ୍କୁ ବିକ୍ରି କରିବା ସେ ଟଙ୍କା ପାଇଛନ୍ତି। ଏନେଇ ସେ ସମସ୍ତ ତଥ୍ୟ ଓ ଫୁଟ୍ ପୋର୍ଟାଲ ଅନୁଯାୟୀ ସମସ୍ତ ସୂଚନା ଦେଇଛନ୍ତି। ଏହି ଆଧାରରେ ଜବତ ଧାନ ଓ ଗାଡ଼ି ମୁକ୍ତ କରିବାକୁ ଦାବି ହୋଇଛି।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ



କୋଟପାଡ଼,୯।୧(ଡି.ଏନ୍.ଏ.): କୋଟପାଡ଼ ତହସିଲଦାର କାର୍ଯ୍ୟାଳୟ ସଭାଗୃହରେ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ତହସିଲଦାର ଦ୍ୟୁତିକୃଷ୍ଣ ପାତ୍ର, ସହ ସମ୍ପାଦକ ଗଣେଶଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଭୈରବ ପଡ଼ିଆରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେବେ। ଏହା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି ବୈଠକରେ କୋଟପାଡ଼ ତଥା ବିଜ୍ଞାପିତ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ପଙ୍କଜ ପାତ୍ର, ଏନ୍‌ଏସି ପୂର୍ବତନ ଅଧକ୍ଷ ଏମ୍. ଶଙ୍କର ରାଓ, ତ୍ରିପତି ବାଲାଜି ମହାନ୍ତି, ବୁଲୁ ହୋତା, ସୁଶାନ୍ତ ବକ୍ସି, କୋଟପାଡ଼ ଥାନା ଆଇଆଇସି ଉଲ୍ଲାସ ମାଝି, ଏବିଓ ବିଚିତ୍ରାନନ୍ଦ ସେଠୀ, ପୂର୍ବତନ ଉପାଧକ୍ଷ ବାପୁନ ତ୍ରିପାଠୀ, ଆରୁଖୀ ପଟେଲ, ରାଜଶେଖର ରାଓ ଉପସ୍ଥିତ ଥିଲେ।

### ପୂର୍ବତନ ବ୍ଲକ ଅଧକ୍ଷଙ୍କ ସ୍ମୃତିସଭା

ବୈପାରୀଗୁଡ଼ା,୯।୧(ଡି.ଏନ୍.ଏ.): ବୈପାରୀଗୁଡ଼ା ବ୍ଲକ ପୂର୍ବତନ ଅଧକ୍ଷ ସତ୍ୟନାରାୟଣ ପଣ୍ଡାଙ୍କ ବିୟୋଗରେ ମଙ୍ଗଳବାର ସ୍ଥାନୀୟ ହନୁମାନ ମନ୍ଦିରରେ ବ୍ରାହ୍ମଣ ସମାଜ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଉପସ୍ଥିତ ସଭ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ। ବୈଠକରେ ବ୍ଲକ ବ୍ରାହ୍ମଣ ସମାଜ ସଭାପତି ମନୋଜ ମହାପାତ୍ର, ସଂପାଦକ ନରେଶ ପାଣିଗ୍ରାହୀ, କୋଷାଧକ୍ଷ ଦୁର୍ଗାମାଧବ ସାମନ୍ତରାୟ, ବରିଷ୍ଠ ସଦସ୍ୟ ସୋମନାଥ ରଥ, ଲକ୍ଷ୍ମୀକାନ୍ତ ରଥ, ରାଜେନ୍ଦ୍ର ତିୱାରୀ ଉପସ୍ଥିତ ଥିଲେ।

# ଛତୁଚାଷ ପାଇଁ ମଡେଲ ସାଜିଛନ୍ତି କୃଷକ ଦମ୍ପତି

**କଳ୍ପତରୁ ମହାନ୍ତି**
**ବୈପାରୀଗୁଡ଼ା,୯।୧**

ପାରମ୍ପରିକ ଚାଷ ବଦଳରେ ଛତୁ ଚାଷ ଦ୍ୱାରା ସୀମିତ ଜମିରେ ଖୁବ୍ କମ୍ ଦିନରେ ଲାଭ ମିଳିଥାଏ। ବଜାରରେ ଛତୁର ଚାହିଦା ଅଧିକ ଥିବାରୁ ବିକ୍ରି ପାଇଁ ମଧ୍ୟ କୌଣସି ସମସ୍ୟା ନ ଥାଏ। ଏଥିପାଇଁ କେବଳ ବୈଷୟିକ ଜ୍ଞାନର ଆବଶ୍ୟକତା ରହିଛି। ଗତ ୧୭ ବର୍ଷ ଧରି ସ୍ଥାନୀୟ ଅଞ୍ଚଳରେ ଛତୁଚାଷ ପାଇଁ ପ୍ରୋତ୍ସାହିତ କରି ବହୁ ଚାଷୀଙ୍କୁ ସ୍ୱାବଲମ୍ବୀ କରିବାରେ ସକ୍ଷମ ହୋଇଛନ୍ତି ଏକ କୃଷକ ଦମ୍ପତି।

ବୈପାରୀଗୁଡ଼ା ବ୍ଲକ ଦୋରାଗୁଡ଼ା ପଞ୍ଚାୟତ ମାଝିଗୁଡ଼ା ଗାଁରେ ରହିଛି ମା' ମଙ୍ଗଳା ବିହନ ଓ ଛତୁ ଉତ୍ପାଦନ କେନ୍ଦ୍ର। ଉକ୍ତ କେନ୍ଦ୍ରକୁ ପରିଚାଳନା କରୁଛନ୍ତି ଶ୍ୟାମ ସୁନ୍ଦର ପ୍ରଧାନ (୫୧) ଓ ତାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ (୪୫)। ଏହି କେନ୍ଦ୍ରରେ ଉଭୟ ପାଳ ଓ ଡିଙ୍ଗିରି ଛତୁ ତଥା ସେଗୁଡିକର ବିହନ ଉତ୍ପାଦନ ହେଉଛି। ଶ୍ୟାମ ଛତୁଚାଷ ଦାୟିତ୍ୱରେ ଥିବାବେଳେ ଛତୁରୁ ବିହନ ସଂଗ୍ରହ କରିବା ତଥା ଛତୁକୁ ନେଇ ବିଭିନ୍ନ ଖାଦ୍ୟ ଯଥା ଆଚାର ଓ ବଡି ପ୍ରସ୍ତୁତ କରନ୍ତି ସନ୍ଧ୍ୟାରାଣୀ। ଏଠାରେ ଖରା ଓ ବର୍ଷାଦିନେ ପାଳଛତୁ ଓ ଶୀତଦିନେ ଡିଙ୍ଗିରି ଛତୁ ଚାଷ କରାଯାଏ। ଛତୁଚାଷ ପାଇଁ ଆବଶ୍ୟକ ସାମଗ୍ରୀ ହେଲା ଛତୁ ବିହନ, ନଡ଼ା ଓ ପଲିଥିନ। ଡିଙ୍ଗିରି ଛତୁ ପାଇଁ ପଲିଥିନ ପ୍ୟାକେଟ୍ ମଧ୍ୟରେ କଟା ନଡ଼ାରେ ବିହନ ବିଞ୍ଚାଯାଇ ପ୍ୟାକେଟ ବାହାର ପଟୁ ଛିଦ୍ର କରାଯାଏ। ପ୍ୟାକେଟ୍ ମୁହଁକୁ ବନ୍ଧାଯାଇ ଛତୁ ଘରେ ୨୦ ଦିନ ଯାଏ ରଖାଯାଇ ପରେ ପଲିଥିନ ପ୍ୟାକେଟ୍ ବାହାର କରାଯାଏ। ପରେ ସେଥିରେ ନିୟମିତ ପାଣି ସିଞ୍ଚିଲେ ୮ ଦିନରେ ଛତୁ ବାହାରିପଡ଼େ। ୨ ମାସ ଯାଏ। ଏଥିରୁ ଛତୁ ବାହାରିଥାଏ। ସେହିପରି ପାଳଛତୁ ଚାଷ ପାଇଁ ଏକ ଛାଇ ଜାଗାରେ ପାଳବେଡ୍ ପ୍ରସ୍ତୁତ କରାଯାଇ ସେଥିରେ ବିହନ ପକାଯାଇ ପଲିଥିନ ଘୋଡାଇ ୯ ଦିନ ଯାଏ ଛାଡ଼ି ଦିଆଯାଏ। ନବମ ଦିନରେ ପାଣି ପକାଯାଏ। ପରେ ୧୩ରୁ ୧୫ ଦିନ ମଧ୍ୟରେ ଛତୁ ବାହାରିବା ଆରମ୍ଭ କରେ। ପ୍ରାୟ ଏକ ସପ୍ତାହ ଧରି ଛତୁ ଅମଳ ହୋଇଥାଏ। ଜଣେ ଚାଷୀ ୩ ଡିସିମିଲ ଜାଗାରେ ମଧ୍ୟ ବର୍ଷ ତମାମ ଛତୁଚାଷ କରିପାରିବ। ଜଣେ ଚାଷୀ ଏ ବାବଦକୁ ୧୦ ହଜାର ଟଙ୍କା ଖର୍ଚ୍ଚ କଲେ ମାସକ ପରେ ୨୦ ହଜାର ଟଙ୍କାର ଛତୁ ଉତ୍ପାଦନ କରିପାରିବ। ଅର୍ଥାତ୍ ୧୦ ହଜାର ଟଙ୍କା ରୋଜଗାର କରିପାରିବ ବୋଲି କହିଛନ୍ତି ଶ୍ୟାମ। ସେହିପରି ବିହନ ପ୍ରସ୍ତୁତି ପାଇଁ ଉପକରଣ ହେଉଛି ଅଟୋ ଡିକ୍ଲେଭ୍ ମେଶିନ, କାଚ ବୋତଲ ଓ ଶିଖା ଗହମ। ଏକ ପ୍ରକାର ରାସାୟନିକ ଦ୍ରବଣରେ ଛତୁକୁ ପକାଯାଇ ସେଥିରୁ ଫିମ୍ପି ସଂଗ୍ରହ କରାଯାଇଥାଏ। ପୂର୍ବରୁ ଏକ ବୋତଲରେ ଶିଖା ଗହମକୁ ରଖି ଅଟୋକ୍ଲେଭ୍ ମେଶିନରେ ଷ୍ଟେରିଲାଇଜେସନ କରାଯାଇ ୱାଟ୍ର ଆବଜର୍ବେଣ୍ଟ କଟନ୍ ଦ୍ୱାରା ଠିପି ବନ୍ଦ ରଖାଯାଇଥାଏ। ଏକ ନିବୁଜ୍ କୋଠରିରେ ସ୍ପିରିଟ୍ ବତୀ ଜଳୁଥିବା ଅବସ୍ଥାରେ ବିହନକୁ ବୋତଲରେ ଭର୍ତ୍ତି କରାଯାଇ ଠିପିକୁ ପୂର୍ବ ପରି ବନ୍ଦ ରଖାଯାଏ। ଏକ ଛାଇ ଜାଗାରେ ଉକ୍ତ ବୋତଲକୁ କିଛି ଦିନ ରଖିବା ମଧ୍ୟରେ ଫିମ୍ପି ବଂଶ ବିସ୍ତାର କରି ବୋତଲ ଭର୍ତ୍ତି ହୋଇଯାଇଥାଏ। ଏହି ଫିମ୍ପିକୁ ହିଁ ବାହାରକୁ ଣାଯାଇ ବିହନ ରୂପେ ବ୍ୟବହାର କରାଯାଏ। ଜିଲା ଓ ବାହାରୁ ବହୁ ଚାଷୀ ଏଠାରୁ ବିହନ କିଣିବାକୁ ଆସିଥାନ୍ତି। ବିହନ ଉତ୍ପାଦନରେ ପ୍ରାୟ ୧ ତୃତୀୟାଂଶ ଲାଭ ରହେ ବୋଲି କହନ୍ତି ସନ୍ଧ୍ୟାରାଣୀ।



ଛତୁ ଓ ବିହନ ଉତ୍ପାଦନ କେନ୍ଦ୍ରରେ ସନ୍ଧ୍ୟାରାଣୀଙ୍କ ଶ୍ୟାମ।

ଉଲ୍ଲେଖଯୋଗ୍ୟ, ଶ୍ୟାମଙ୍କ ନିଜ ଘର ପୁରୀ ଜିଲା ଡେଲାଙ୍ଗ ବ୍ଲକ ତୋରାବଇ ଗ୍ରାମ। ଚାଷୀ ପରିବାରରେ ଜନ୍ମ ହୋଇ ଯୁକ୍ତ ୨ ପାସ୍ କରିବା ପରେ ପାଠ ଛାଡ଼ି ସେ ଚାଷରେ ମନ ଦେଇଥିଲେ। ୧୯୮୪ରେ ଓଏୟୁଟି ପକ୍ଷରୁ ପିପିଲି ବ୍ଲକ ଦାଣ୍ଡମକୁନ୍ଦପୁରରେ ୧୦ ଜଣ ଆଗ୍ରହୀ ଚାଷୀଙ୍କୁ ନେଇ ପରୀକ୍ଷାମୂଳକ ଭାବେ ପ୍ରଥମ ଥର ଛତୁ ଚାଷ ଆରମ୍ଭ ହୋଇଥିଲା। ସେଠାରୁ ଅନୁପ୍ରାଣିତ ହୋଇ ସେ ମଧ୍ୟ ସଫଳ ଛତୁ ଚାଷୀ ପାଲଟିଥିଲେ। ଭୁବନେଶ୍ୱର ସହରରେ ପ୍ରତିଷ୍ଠା ପାଇବା ପରେ ୨୦୦୨ରେ ବୈପାରୀଗୁଡ଼ାସ୍ଥିତ ଏକ ଏନ୍‌ଜିଓ ଦ୍ୱାରା ନିଯୁକ୍ତି ପାଇ ଏଠାରେ ଏକ ଛତୁର ଡେମୋ ଫାର୍ମ ପ୍ରତିଷ୍ଠା କରିବା ସହ ସ୍ଥାନୀୟ ଚାଷୀଙ୍କୁ ଛତୁଚାଷ ସଂପର୍କରେ ତାଲିମ୍ ଦେଇଥିଲେ। ଓଏୟୁଟିର ପ୍ରଫେସର ଆଦିତ୍ୟ ପାତ୍ରଙ୍କ ପରାମର୍ଶ କ୍ରମେ ସନ୍ଧ୍ୟାରାଣୀ ସେଠାରେ ଛତୁ ବିହନ ପ୍ରସ୍ତୁତି ଓ ଛତୁରୁ ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ ସଂପର୍କରେ ତାଲିମ୍ ନେଇ ଫେରିବା ପରେ ଉକ୍ତ ଦମ୍ପତି ନିଜସ୍ୱ ଉଦ୍ୟମରେ ଛତୁଚାଷ ଓ ବିହନ ଉତ୍ପାଦନ କେନ୍ଦ୍ର ଖୋଲିଛନ୍ତି। ସେମାନଙ୍କଠାରୁ ବ୍ଲକର ବାଲିଗାଁ, ପେଟାଲାଡି, ଲିମାଲାଡି, ଦଣ୍ଡାବାଡି, କୁନ୍ଦୁରା ବ୍ଲକର ଦିଗାପୁର, କଟଲାପଦର ଓ ମାଲକାନଗିରି ଜିଲା ଗୋବିନ୍ଦପାଲି ଅଞ୍ଚଳର ବହୁ ଚାଷୀ ତାଲିମ୍ ନେଇ ସଫଳ ଛତୁ ଚାଷୀ ହୋଇପାରିଛନ୍ତି। ଛତୁ ଚାଷରେ ପାରଦର୍ଶିତା ପାଇଁ ଏହି ଦମ୍ପତି ବହୁ ସଂଗଠନ ଦ୍ୱାରା ସମ୍ମାନିତ ହୋଇଛନ୍ତି।

# ଧାନବିକ୍ରିର ମାସକ ପରେ ବି ମିଳୁନି ଟଙ୍କା

■ ସିଏସ୍‌ଓ, ଏଆର୍‌ସିଏସ୍‌ଙ୍କୁ ଅଭିଯୋଗ ଜଣାଇଲେ ଚାଷୀ

**ଜୟପୁର,୯।୧(ଡି.ଏନ୍.ଏ.)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ରାଣୀଗୁଡ଼ା ଓ ବାଗଦେରୀ ପଞ୍ଚାୟତର ଚାଷୀମାନେ ନିଜ ଖରିଫ ଧାନ ମଣ୍ଡିରେ ବିକିବାରୁ ଏକ ସପ୍ତାହରୁ ଏକ ମାସ ହେବାକୁ ଯାଉଛି। କିନ୍ତୁ ଏଯାବତ୍ ଧାନବିକା ଟଙ୍କା ସେମାନଙ୍କ ବ୍ୟାଙ୍କଖାତାରେ ଜମା ହୋଇନାହିଁ। ଏନେଇ ଉଭୟ ପଞ୍ଚାୟତର ୨୦ରୁ ଅଧିକ ଚାଷୀ ଗୁରୁବାର ଜିଲା ଯୋଗାଣ ଅଧିକାରୀ ଓ ଏଆରସିଏସ୍ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ଡିସେମ୍ବର ୪ରୁ କେରମିଟି ଓ ରାଣୀଗୁଡ଼ା ପଞ୍ଚାୟତର ଚାଷୀଙ୍କ ଅମଳ ଧାନ ରାଣୀଗୁଡ଼ା ମଣ୍ଡିରୁ କିଣିଥିଲା କୁନ୍ଦୁରା ଲ୍ୟାମ୍ପ। ସେଠାରେ ଅନଲାଇନ ଅପଲୋଡିଂ ସୁବିଧା ନ ଥିବା ଯୋଗୁ ଅଫଲାଇନରେ ଧାନକିଣା ହୋଇଥିଲା। କିଣାଯିବା ପରେ କଷ୍ଟମ ମିଲିଂ ଭାବେ ଚାଉଳ ମିଲ ପକ୍ଷରୁ ଚାଷୀଙ୍କ ଧାନ ଗ୍ରହଣ ପରେ ସ୍କାନିଂ କରାଯାଇଛି। କିନ୍ତୁ ଚାଷୀଙ୍କ ବ୍ୟାଖାତାକୁ ଟଙ୍କା ଆସିନାହିଁ।



ପ୍ରଶାସନକୁ ଭେଟିବାକୁ ଆସିଥିବା ଚାଷୀମାନେ।

ଅନଲାଇନରେ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଧାନ ବିକ୍ରି ବାବଦକୁ ଟଙ୍କା ଚାଷୀଙ୍କ ବ୍ୟାଙ୍କଖାତାରେ ଜମା ହୋଇଥାଏ। ଅଫଲାଇନରେ ୨ରୁ ୩ ଦିନ ମଧ୍ୟରେ ଟଙ୍କା ପାଇବା ବ୍ୟବସ୍ଥା ରହିଥିବା ସରକାର ବାରମ୍ବାର କହୁଛନ୍ତି। ଏଠାରେ ମାସଟେ ବିତିବାକୁ ବସିଲାଣି, କିନ୍ତୁ ଧାନବିକା ଟଙ୍କା ମିଳୁନାହିଁ। ଚାଷୀମାନେ ପ୍ରଥମେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସିଏସ୍‌ଓ ତୁଳାରାମ ନାୟକ ଅଫଲାଇନ ଧାନ ବିକ୍ରି କଥା ସମବାୟ ବିଭାଗ ତଦାରଖ କରୁଛି ବୋଲି କହିଥିଲେ। ତେଣୁ ଚାଷୀମାନେ ସମବାୟ କାର୍ଯ୍ୟାଳୟରେ ପହଞ୍ଚି ଏଆରସିଏସ୍‌ଙ୍କୁ ଭେଟିବାକୁ ଚାହିଁଥିଲେ। ସେ ଅନୁପସ୍ଥିତ ଥିବା ଯୋଗୁ ଆସନ୍ତା ଶୁକ୍ରବାର ଚାଷୀମାନେ ନିଜ ଅଭିଯୋଗ ଜଣାଇବେ। ଉଲ୍ଲେଖଯୋଗ୍ୟ, ଏଯାବତ୍ ୨୧୭ ଜଣ ଚାଷୀ ୧୪,୩୭୪ କୁଇଣ୍ଟାଲ ଧାନ ଅଫଲାଇନରେ ବିକିଛନ୍ତି। କିନ୍ତୁ କେବଳ ୨୦ ଜଣ ଟଙ୍କା ପାଇଥିବା ବେଳେ ଅନ୍ୟମାନଙ୍କୁ କିଛି ମିଳିନାହିଁ।

■ବଳକା ଧାନ ବିକ୍ରି ନେଇ ଦାବି

### ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ

**ଜୟପୁର,୯।୧ (ଡି.ଏନ.ଏ)**

କୋରାପୁଟ ଜିଲାରେ ବିହନ ନିଗମରେ ପଞ୍ଜୀକୃତ ଚାଷୀଙ୍କ ବଳକା ଅମଳ ଧାନ ବିକ୍ରି ନିମନ୍ତେ ଅନଲାଇନରେ ବାଦ ପଡିଛନ୍ତି। ପୁନର୍ବାର ସେମାନଙ୍କ ନାମ ଅପଲୋଡିଂ କରିବା ନେଇ ଚାଷୀମାନେ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କୁ ଭେଟି ଦାବି କରିଛନ୍ତି। ଚାଷୀ ମନୋଜ ପାତ୍ର, ଜେ.ରମେଶ ପ୍ରମୁଖ ଭେଟିବା ସହିତ ଏନେଇ ଆଲୋଚନା କରିଥିଲେ। ଭୁବନେଶ୍ୱର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସହିତ ବାଦ ପଡିଥିବା ଚାଷୀଙ୍କ ନାମ ଏବଂ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କଲେ ଏହାର ତଦନ୍ତ କରାଯିବ। ଯେଉଁ ବିହନ ନିଗମର ପଞ୍ଜୀକୃତ ଚାଷୀଙ୍କର ୫ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି, ସେମାନଙ୍କୁ ମଣ୍ଡିରେ ଧାନ ବିକ୍ରି ନିମନ୍ତେ ସୁଯୋଗ ଦିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ବିହନ ନିଗମରେ ପଞ୍ଜୀକୃତ ୩୧୬ ଚାଷୀଙ୍କ ଏକ ସୂଚି ସ୍ଥାନୀୟ ନିଗମ କାର୍ଯ୍ୟାଳୟରୁ ଯୋଗାଣ ନିଗମକୁ ପ୍ରଦାନ କରାଯାଇଥିଲା। ଉଭୟ ନିଗମ ଏବଂ ମଣ୍ଡିରେ ଧାନ ବିକ୍ରି ହେଉଥିବା ନେଇ ବିଭାଗ ପକ୍ଷରୁ ୫୭ ଚାଷୀଙ୍କ ନାମକୁ ସରକାରଙ୍କ ଧାନ କ୍ରୟ କେନ୍ଦ୍ର ଅନଲାଇନ ସୂଚିରୁ ବାଦ ଦିଆଯାଇଥିଲା।

# ତମାଖୁମୁକ୍ତ ଅଞ୍ଚଳ ପାଇଁ ସଚେତନତା ଶିବିର

**ବୋରିଗୁମ୍ମା,୯।୧(ଡି.ଏନ୍.ଏ.)**

ବୋରିଗୁମ୍ମାସ୍ଥିତ କନିଷ୍ଠ ଭୈରବ ମହାବିଦ୍ୟାଳୟରେ ତମାଖୁମୁକ୍ତ ଅଞ୍ଚଳ ପାଇଁ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଶିବିରରେ ମହାବିଦ୍ୟାଳୟ ଅଧକ୍ଷ ଦାଶରଥୀ ଗୌଡ଼ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡ. ଏସ୍.ଟି. ପ୍ରୟାଗ, ସ୍ୱାସ୍ଥ୍ୟ ବିଭାଗର ଜିଲା ସଂଯୋଜକ ସତୀଶ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ଜାତୀୟ ତମାଖୁ ନିୟନ୍ତ୍ରଣ ଯୋଜନାରେ ତମାଖୁ ସେବନ ଦ୍ୱାରା ହେଉଥିବା ଭୟାବହ ରୋଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ତମାଖୁ ପାଇଁ ପାରିବାରିକ ଓ ଆର୍ଥିକ ସ୍ଥିତି ମଧ୍ୟ ବିଗିଡ଼ି ଯାଉଥିବା ବେଳେ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ ଅତିଥିଗଣ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁଧାଂଶୁ ପଟ୍ଟନାୟକ, ପ୍ରଦୀପ୍ତ ସ୍ୱାଇଁ, ନିହାରିକା ପଣ୍ଡା, ପଦ୍ମଭୂଷଣ ଦାଶ ସହଯୋଗ କରିଥିଲେ।




ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

# କୋଲାବ ମୁଖ୍ୟ କେନାଲରେ ଛଡ଼ାଗଲା ପାଣି

■ ୬୪ ହଜାର ଏକର ଚାଷଜମିକୁ ଜଳ ମାଡ଼ିବା ନେଇ ଲକ୍ଷ୍ୟଧାର୍ଯ୍ୟ

**ଜୟପୁର,୯।୧(ଡି.ଏନ୍.ଏ.)**

କୋଲାବ ବହୁମୁଖୀ ପ୍ରକଳ୍ପ ପକ୍ଷରୁ ଜୟପୁର ନିକଟସ୍ଥ ସତୀଗୁଡ଼ା ଜଳଭଣ୍ଡାରରୁ ମୁଖ୍ୟକେନାଲ ମାଧ୍ୟମରେ ୨୬ ହଜାର ୨୪୭ ଏକର ଜମିରେ ରବିଚାଷ ପାଇଁ ଗୁରୁବାର ପାଣି ଛଡ଼ାଯାଇଛି। ପୂର୍ବାହ୍ନରେ ପ୍ରତ୍ୟେକ ସେକେଣ୍ଡରେ ୨୦ ଘନମିଟର ପାଣି ମୁଖ୍ୟକେନାଲକୁ ଛଡ଼ାଯାଇଛି। ଜିଲାର ଜୟପୁର, କୋଟପାଡ଼ ବ୍ଲକର ସର୍ବାଧିକ, ବୋରିଗୁମ୍ମା ଓ କୁନ୍ଦୁରା ବ୍ଲକର କିଛି ଅଞ୍ଚଳର ସମୁଦାୟ ୬୪ ହଜାର ୨୪୭ ଏକର ଚାଷଜମିକୁ ଜଳ ମାଡ଼ିବ।



ଆସନ୍ତା ୧୫ରୁ ୩୦ ଦିନ ଭିତରେ ସମସ୍ତ ଜମିରେ ଚାଷ ପାଇଁ ଜଳ କେନାଲ ମାଧ୍ୟମରେ ପହଞ୍ଚିବ। ଇରିଗେସନ ବିଭାଗ ପକ୍ଷରୁ ଏପ୍ରିଲ ୩୦ ପର୍ଯ୍ୟନ୍ତ କେନାଲରେ ଏହିପରି ପାଣି ଛଡ଼ାଯିବ। ଆବଶ୍ୟକ ସ୍ଥଳେ ନିର୍ଦ୍ଧାରିତ ତାରିଖରୁ ଅଧିକ ୫ରୁ ୧୦ ଦିନ କେନାଲରେ ଜଳ ଛଡ଼ାଯିବ। ଚାଷୀମାନେ ଜମିରୁ ଖରିଫ ଧାନ କାଟିବା ସହ ଜମିକୁ କଷି ଦେଇଥିବା ବେଳେ ରବିଧାନ ପାଇଁ କେନାଲ ପାଣିକୁ ଅପେକ୍ଷା କରିଥିଲେ। ଏନେଇ ଗତ ୩ରେ ପାଣି ଛଡ଼ାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କେତେକ ଅଞ୍ଚଳରେ କେନାଲ ମରାମତି ଓ ସଫେଇ କାର୍ଯ୍ୟ ଚାଲିଥିବା ଯୋଗୁ ଚାଷୀଙ୍କ ଅନୁରୋଧ କ୍ରମେ କେନାଲରେ ଜଳ ନିଷ୍କାସନ ସମୟକୁ ଗୁରୁବାର ଯାଏ ବୃଦ୍ଧି କରାଯାଇଛି।

## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

୧. ବିଷାକ୍ତ ଜୀବନାଶକର ସଠିକ ଓ ନିରାପଦ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ।
୨. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ୬୨ଟି କୃଷି ଭିତ୍ତିକ ପ୍ରକଳ୍ପରେ ୪୦-୫୦% ରିହାତି ପାଆନ୍ତୁ।
୩. ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଓ ଅଭିନବ ପରିକଳ୍ପନା ପାଇଁ କୁଶଳୀ କାରିଗରମାନଙ୍କୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସମ୍ମାନ ଓ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଅଭିନବ ଯନ୍ତ୍ରପାତି ପାଇଁ ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ ଜଣ ଜିଲ୍ଲା ପ୍ରତି) ୯୦ଜଣଙ୍କୁ ପୁରସ୍କାର ଦିଆଯିବ। ସେହିପରି ଅଭିନବ ପରିକଳ୍ପନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଏବଂ ଜିଲ୍ଲାସ୍ତରରେ (୧ଜଣ ଜିଲ୍ଲା ପ୍ରତି) ୩୦ଜଣଙ୍କୁ ପୁରସ୍କୃତ କରାଯିବ।
୪. କୃଷି ଯାନ୍ତ୍ରିକରଣ ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ସମସ୍ତ କୃଷି ଉପକରଣ ପାଇଁ ୪୦-୫୦% ରିହାତି ବ୍ୟବସ୍ଥା ରହିଛି।
୫. ଠିକ ମାନର ମାଣ୍ଡିଆ ନିକଟସ୍ଥ ମଣ୍ଡିରେ ବିକ୍ରିକରି ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଆନ୍ତୁ। ବରଗଡ଼ ଜିଲ୍ଲାର ୧୦ଗୋଟି PACS (ଏମ. ଶ୍ରୀଗିଡା/ବଡ ବାଉସେନ/କନସିଙ୍ଘା/ବୁଢ଼େନ/ପାଇକମାଳ/ଜାମସେଠ/ଡଭା/ଝାରବନ୍ଧ/କଣ୍ଟାବାହାଲ/କଠଉମାଲ) ରେ ମାଣ୍ଡିଆ କ୍ରୟ କରିବାର ବ୍ୟବସ୍ଥା ରହିଛି।
୬. kalia.co.in Portal ରେ କାଳିଆ ଯୋଜନା ସମ୍ବନ୍ଧିତ ଅଭିଯୋଗ ଦାଖଲ କରନ୍ତୁ।

ସ୍ୱା./-
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼

# ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରୌପ୍ୟ ଜୟନ୍ତୀ

**ପଟ୍ଟାଙ୍ଗି,୯।୧(ଡି.ଏନ୍.ଏ.)**

ପଟ୍ଟାଙ୍ଗିସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଦିନିଆ ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗୁରୁବାର ହସ୍ତତନ୍ତ ଓ ବୟନ ଶିଳ୍ପୀ ମନ୍ତ୍ରୀ ପଦ୍ମିନୀ ଦିଆନ ମୁଖ୍ୟ ଅତିଥି ଭାବେ ଏହି ଉତ୍ସବର ଉଦ୍‌ଘାଟନ କରିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, କୋରାପୁଟ ଜିଲା ପରିଷଦ ଅଧକ୍ଷ ତୁଳସୀ କିର୍ସାନି, ସୁନାବେଡ଼ା ପୌରାଧକ୍ଷା ଶୁଭଶ୍ରୀ ମଲ୍ଲିକ, ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଜମ୍ବେଶ୍ୱର ସାହୁ ଯୋଗ ଦେଇଥିଲେ। ଉତ୍ସବର ସଭାପତି ତଥା ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଓ ଉପଜିଲାପାଳ ଲଳିତ ମୋହନ କହଁର,




ରୌପ୍ୟ ଜୟନ୍ତୀର ଉଦ୍‌ଘାଟନୀ ମଞ୍ଚରେ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସହ ଅନ୍ୟ ଅତିଥିମାନେ।

ପ୍ରତିଷ୍ଠାତା ରାମ ପ୍ରସାଦ ଚୌଧୁରୀ ଉପସ୍ଥିତ ଥିଲେ। ଅଧକ୍ଷ ଡ. ରାମକୃଷ୍ଣ ସାମଲ ଉତ୍ସବ ବିବରଣୀ ପାଠ ଓ ଅଧ୍ୟାପକ ଅଶୋକ ନାୟକ ଅତିଥି ପରିଚୟ ଦେଇଥିଲେ। ଦାମନଯୋଡ଼ିସ୍ଥିତ ଶିଶୁ ବିଦ୍ୟା ମନ୍ଦିର ଟିଜିଟି ଡ. ଅଶୋକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ାରେ କୃତୀ ୧୭ ଜଣ ଛାତ୍ରୀ ଓ ୨୪ ଜଣ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗୀତାଞ୍ଜଳି ଖିମ୍‌ବୁଡି ଓ ବଳନ୍ତ ଗୋଲରି ଛାତ୍ରୀଛାତ୍ର ବର୍ଗରେ ଚାମ୍ପିୟନ ହୋଇଥିଲେ। ଅଧ୍ୟାପିକା ରାଜଶ୍ରୀ ବିଶ୍ୱାଳ, ଜ୍ୟୋତ୍ସ୍ନାମୟୀ ସାହୁ, ଶେଷଦେବ ବାରିକ, ସରୋଜ ଭୂୟାଁ, ସୁକାନ୍ତ ଚନ୍ଦ୍ର ରାଉତରା, ସୁଧାଂଶୁ ଭୂଷଣ ଜେନା, ଡିଇଓ ମନୋଜ ଦାଶ, ଅନିଲ ଖିଲ, ଫକୀରମୋହନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସମ୍ବଲପୁରୀ ବସ୍ତ୍ରାଳୟ

### ମକର ଓ ପୋଙ୍ଗଲ ଉପଲକ୍ଷେ ବିଶେଷ ରିହାତି

**୧୦%+୨୦%**

ତା.୧୦।୦୧।୨୦୨୦ ରୁ ତା.୧୫।୦୧।୨୦୨୦ ପର୍ଯ୍ୟନ୍ତ

**ନୂତନ ବସ୍ତ୍ରର ସମ୍ଭାର**

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ ଇତ୍ୟାଦି।

**ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ।**

| ସ୍ଥାନ | ଅବଧି |
|---|---|
| ୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ ସାମନା, ବରଗଡ଼ | ତା.୨୦।୧୨।୨୦୧୯ ରୁ ତା.୧୫।୦୧।୨୦୨୦ |
| ୨. ଏନ୍.ଏଚ୍ ଏକ୍ସପୋ, ଷ୍ଟଲ ନଂ.୪୨, ବରଗଡ଼ | ତା.୨୮।୧୨।୨୦୧୯ ରୁ ତା.୧୯।୦୧।୨୦୨୦ |
| ୩. ଲାଠ ହାର୍ଡୱାର ସାମନା, ଏନ୍ ଏଚ୍-୬, ବରଗଡ଼ | ତା.୦୧।୦୧।୨୦୨୦ ରୁ ତା.୧୧।୦୧।୨୦୨୦ |
| ୪. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୧୦।୦୧।୨୦୨୦ ରୁ ତା.୧୯।୦୧।୨୦୨୦ |

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ଜାନୁୟାରୀ ୧୦ /୨୦୨୦ Rayagada, Friday, January 10/ 2020

# ଆଜି କଂଗ୍ରେସର ବନ୍ଦ ଡାକରା

**ମାଲକାନଗିରି, ୯।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ମାଲକାନଗିରି ଜିଲାପାଳ ଦୁର୍ନୀତିଗ୍ରସ୍ତ। ତାଙ୍କ ପିଏ ଦେବନାରାୟଣ ପଣ୍ଡାଙ୍କ ମୃତ୍ୟୁରେ ଜିଲାପାଳଙ୍କ ହାତ ରହିଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଦୁର୍ନୀତିଗ୍ରସ୍ତ ଅଧିକରୀଙ୍କୁ ବିରୋଧ କରୁଥିବା କହି ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମାଲକାନଗିରି ବନ୍ଦ ଡାକରା ଦେଇଛି କଂଗ୍ରେସ। ଜିଲା ସଭାପତି ଗୋବିନ୍ଦ ପାତ୍ର କହିଛନ୍ତି, ଆଦିବାସୀଙ୍କ ସ୍ୱାର୍ଥ ଓ ବିକାଶ କ୍ଷେତ୍ରରେ ସାଲିସ କରାଯିବ ନାହିଁ। ଶାସକ ଦଳର ଯେଉଁ ନେତାମାନେ କଂଗ୍ରେସ ଶସ୍ତା ରାଜନୀତି କରୁଥିବା କହିଛନ୍ତି, ସେମାନେ ଦୁର୍ନୀତିରେ ଲିପ୍ତ। ଦଳ ଏହାକୁ ପ୍ରତିବାଦ କରୁଛି। ଆମେ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ କରିବୁ। ଏଥିରେ ଯଦି ପୋଲିସ ବାଧା ଦିଏ, ପରବର୍ତ୍ତୀ ଅସୁବିଧା ପାଇଁ ସେ ହିଁ ଦାୟୀ ରହିବେ ବୋଲି କହିଛନ୍ତି କଂଗ୍ରେସ ଜିଲା ସଭାପତି।

### ଜିଲାପାଳଙ୍କ ସପକ୍ଷରେ ଶୋଭାଯାତ୍ରା କରିପାରନ୍ତି ଆଡ଼ମା

ଏଣେ ଏହି ବନ୍ଦକୁ ନେଇ ଦେଖାଦେଇଛି ଦ୍ୱନ୍ଦ୍ୱ। କଂଗ୍ରେସ ନେତା ପ୍ରଦୀପ ମାଝିଙ୍କୁ ବିରୋଧ କରି ଆଦିବାସୀ କୋୟା ଯୁବ ସଙ୍ଗଠନ ନାମରେ ଆଡମା ରାଓ୍ୱା ୧୦ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବୁଧବାର ଜିଲାପାଳଙ୍କୁ ଦେଇଛନ୍ତି। ଆଡ଼ମା ରାଓ୍ୱାଙ୍କ ଗୋଷ୍ଠୀ ଜିଲାପାଳଙ୍କ ସପକ୍ଷରେ ଏକ ଶୋଭାଯାତ୍ରା କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏ ନେଇ ଆଡମାଙ୍କ ଦଳ ଉପଜିଲାପାଳଙ୍କ ନିକଟରେ ଡାକବାଜି ଯନ୍ତ୍ର ପାଇଁ ଆବେଦନ କରିଥିବା ବେଳେ ଏଯାଏ ତାଙ୍କୁ ଅନୁମତି ଦିଆଯାଇ ନାହିଁ। କଂଗ୍ରେସକୁ ମଧ୍ୟ ଏଯାବତ୍ ଅନୁମତି ମିଳିନି। ଯଦି ଉଭୟଙ୍କୁ ଅନୁମତି ମିଳେ ମୁହାଁମୁହିଁ ଘଟିବା ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

## ଆଡ଼ମାଙ୍କୁ ନେଇ ଭିନ୍ନମତ ଦେଲା କୋୟା ସମାଜ


ଓଡ଼ିଶା କୋୟା ସମାଜ ଓ ଆଦିବାସୀ ମହାସଂଘର ଖବରଦାତା ସମ୍ମିଳନୀ।

**ମାଲକାନଗିରି,୯।୧(ଡି.ଏନ୍.ଏ/ସ୍ୱ.ପ୍ର.)**

ଆଡମା ରବା ବୁଧବାର ଦେଇଥିବା ଦାବିପତ୍ରକୁ ଆଦିବାସୀ ମହାସଂଘ ଘୋର ବିରୋଧ କରିଛି। ଆଡମା ରାବା ଜଣେ ରାଜନୈତିକ ବ୍ୟକ୍ତି । ସେ ସଂଗଠନର କୌଣସି ପଦବୀରେ ରହି ନାହାନ୍ତି। ତାଙ୍କର ବ୍ୟକ୍ତିଗତ କିମ୍ବା ରାଜନୈତିକ ସ୍ୱାର୍ଥ ପାଇଁ ଏଭଳି କହି ଥାଇପାରନ୍ତି ବୋଲି ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଓଡ଼ିଶା କୋୟା ସମାଜ ଓ ଆଦିବାସୀ ସଂଘ ପକ୍ଷରୁ କୁହାଯାଇଛି। ଜଣେ ଦୁର୍ନୀତିଗ୍ରସ୍ତ ଜିଲାପାଳଙ୍କୁ ଆମ ଆଦିବାସୀ ସମାଜ କେବେ ସମର୍ଥନ କରିବ ନାହିଁ, କିମ୍ବା କୌଣସି ରାଜନୈତିକ ଦଳକୁ ମଧ୍ୟ ସମର୍ଥନ ଦେବନି। କେତେକ ଦୁର୍ନୀତିଗ୍ରସ୍ତ ଅଫିସର କିମ୍ବା ଜିଲାପାଳଙ୍କ ବିରୋଧରେ କେହି ସ୍ୱର ଉତ୍ତୋଳନ କଲେ ତାଙ୍କୁ ଆମେ ସମର୍ଥନ କରୁଛୁ ବୋଲି ଖବରଦାତା ସମ୍ମିଳନୀରେ ଜିଲା ଆଦିବାସୀ ମହାସଂଘ ସଭାପତି ଘନଶ୍ୟାମ ମାଡକାମୀ କହିଛନ୍ତି। ସେହିପରି କୋୟା ସମାଜର ସମ୍ପାଦକ ଓକିଲ ରବୀନ୍ଦ୍ର ନାଥ ମାଢ଼ି କହିଛନ୍ତି, ଆଡମରାବା କାଲିମେଲା ବ୍ଲକ କୋୟା ସମାଜର ସଦସ୍ୟ ଅଟନ୍ତି, କିନ୍ତୁ ସେ ନିଜ ମତ ଦେବାକୁ ଯେଉଁ କୋୟା ସମାଜ ନାଁ ନେଉଛନ୍ତି ତାହା ନିନ୍ଦନୀୟ। ଓଡ଼ିଶା କୋୟା ସମାଜ ଏହାର ବିରୋଧ କରୁଛି। ସମାଜ ନାମ ବ୍ୟବହାର କରିଥିବାରୁ ୧୧ ତାରିଖ ସନ୍ଧ୍ୟା ମଧ୍ୟରେ କାରଣ ଦର୍ଶାଇବାକୁ ଆଡ଼ମାକୁ ନୋଟିସ ହୋଇଛି। ଦରକାର ପଡିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ଏ ନେଇ ଆଡମା ରାଓ୍ୱାଙ୍କୁ ଯୋଗାଯୋଗ କରିବାରୁ, କୋୟା ଯୁବ ସମାଜର ଆଦର୍ଶ ସମ୍ପୂର୍ଣ୍ଣ ଭିନ୍ନ, ଆଦିବାସୀଙ୍କ ହକ୍ ଓ ବିକାଶ ଲଢେଇ କରିବାକୁ ସମସ୍ତଙ୍କର ଅଧିକାର ଅଛି ବୋଲି ସେ କହିଛନ୍ତି। କୌଣସି ସଂଘ, ସଙ୍ଗଠନର ଛତ୍ରଛାୟାରେ ବାନ୍ଧି ହେଉନାହୁ କିମ୍ବା ଆମେ ରାଜନୀତି ମଧ୍ୟ କରୁନାହୁଁ। କେବଳ ନିର୍ଦ୍ଦିଷ୍ଟ ଦଳ ଆଦିବାସୀଙ୍କୁ ରାଜନୀତି ନାମରେ ଭୁଲ୍ ବାଟରେ ନେଉ ଥିବାରୁ ଆମେ ତାଙ୍କୁ ବିରୋଧ କରୁଛି।

## ବକ୍ତୃତା ପ୍ରତିଯୋଗିତା

**ମାଲକାନଗିରି, ୯।୧(ସ୍ୱ.ପ୍ର.)**

ଜିଲାସ୍ତରୀୟ ପର୍ଯ୍ୟଟନ ପର୍ବ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଜିଲା ପାଠାଗାରରେ ଜିଲାସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ପ୍ରଧାନ ଯୋଗ ଦେଇଥିଲେ। 'ଅର୍ଥନୈତିକ ବିକାଶ କ୍ଷେତ୍ରରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କୋରୁକୋଣ୍ଡ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ କଲ୍ୟାଣୀ ଦେ ପ୍ରଥମ, କୁଡୁମୁଲୁଗୁମ୍ମାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅନାମିକା ସାନା ଦ୍ୱିତୀୟ ଓ ମାଲକାନଗିରି ବ୍ଲକସ୍ଥିତ ଜଗନ୍ନାଥ ପଲ୍ଲୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଶୁଭମ ଦେ ତୃତୀୟ ହୋଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଚାରକଭାବେ ବରିଷ୍ଠ ସାମ୍ବାଦିକ ତଥା ଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚନ୍ଦ୍ର ନାୟକ, ଦୁର୍ଯୋଧନ ମହାରଣା ଏବଂ ଡ.ସରୋଜ ଦାଶ ଉପସ୍ଥିତ ଥିଲେ। ପ୍ରକାଶ ଯେ, ମହାତ୍ମାଗାନ୍ଧୀଙ୍କ ୧୫୦ ବର୍ଷ ପାଳନ ଉପଲକ୍ଷେ ଏହି ପ୍ରତିଯୋଗିତା କରାଯାଇଛି।





ପଞ୍ଚାୟତବାସୀଙ୍କ ସହ ଅଧିକାରୀ ଆଲୋଚନା କରୁଛନ୍ତି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଏମ୍‌ଭି-୭୯, ୯।୧(ଡି.ଏନ୍.ଏ)**

କାଲିମେଲା ବ୍ଲକ ଅନ୍ତର୍ଗତ ତଣ୍ଡାବାଇ ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ବିଭିନ୍ନ ବିଭାଗର ଅଧିକାରୀ ସମୀକ୍ଷା କରିଛନ୍ତି। କାଲିମେଲା ପିଇଓ ଗଙ୍ଗାଧର ଖିଲଙ୍କ ସହ ଜିଆର୍‌ଏସ୍ ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ। ୨୦୧୬ରୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ବ୍ୟକ୍ତିଙ୍କୁ ଦିଆଯାଇଥିବା ଆବାସ ଯୋଜନାରେ କ୍ଷେତ୍ର ପରିଦର୍ଶନ କରିଥିଲେ। ଲାଛିପେଟା ଗ୍ରାମର ୧୮ ଜଣ ବ୍ୟକ୍ତି ଗୃହ ପାଇ ଥିବା ସତ୍ତ୍ୱେ ଘର କାମ କରିନଥିବା ସେମାନଙ୍କ ନଜରକୁ ଆସିଥିବା ଟିମ୍ କହିଛି। ଏହାଛଡା ଯଥାଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିଦର୍ଶନ ବେଳେ ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୧୪ ଶିଶୁ ଶ୍ରମିକ ଉଦ୍ଧାର

**ମାଲକାନଗିରି, ୯।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ମାଲକାନଗିରି ଜିଲା ପଡିଆ ଥାନା ଅଧୀନ ଉଦୟଗିରି ଗାଁର ୧୪ଜଣ ଦାଦନ ଶ୍ରମିକଙ୍କୁ ଛତିଶଗଡ ସୁକୁମା ଜିଲା କୋଂଟା ପୋଲିସ ମଙ୍ଗଳବାର ଉଦ୍ଧାର କରିଥିଲା। ସେମାନଙ୍କ ମଧ୍ୟରେ ୧୦ଝିଅ ଓ ୪ ପୁଅ ରହିଛନ୍ତି। ଉଦ୍ଧାର ସମସ୍ତଙ୍କୁ ସୁକୁମା ଜିଲା ଶିଶୁ ମଙ୍ଗଳ କମିଟିକୁ ପଠାଯାଇଥିଲା। ଗୁରୁବାର ସୁକୁମା ଶିଶୁ ମଙ୍ଗଳ କମିଟି ସେମାନଙ୍କୁ ମାଲକାନଗିରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛି। ମାଲକାନଗିରି ଶିଶୁ ମଙ୍ଗଳ ସମିତି ଉଦ୍ଧାର ପିଲାମାନଙ୍କ ପରିବାରକୁ ଖବର ଦେଇଛି। ଦଲାଲଙ୍କ ସମ୍ପନ୍ଧରେ ଅଧିକ ତଥ୍ୟ ସଂଗ୍ରହ କରାଯାଇ ଜିଲା ପ୍ରଶଶସନ ଓ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି ମାଲକାନଗିରି ଶିଶୁ ସୁରକ୍ଷା ସମିତ ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ କହିଛନ୍ତି।

## ଆଲୁମିନି ଆସୋସିଏଶନ ପାଇଁ ବୈଠକ

**ଗୋବିନ୍ଦପାଲି , ୯।୧(ଡି.ଏନ୍.ଏ.)**

ଖଇରପୁଟ ବ୍ଲକ ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜରେ ଗୁରୁବାର ମହାବିଦ୍ୟାଳୟର ଆଲୁମିନି ଆସୋସିଏଶନ ପାଇଁ ଏକ ବୈଠକ ଅନୁଷ୍ଠିତ କରାଯାଇଛି। କଲେଜ ଅଧ୍ୟକ୍ଷ ନବୀନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମହାବିଦ୍ୟାଳୟର ପୂର୍ବତନ ଛାତ୍ରମାନଙ୍କୁ ନେଇ ଛାତ୍ର ଆଲୁମିନି ଆସୋସିଏଶନ ଗଠନ କରିବାକୁ ନିଷ୍ପତି ନିଆଯାଇଛି। ମୁଖ୍ୟ ଉଦ୍ଦେଶ୍ୟ କଲେଜର ବିଭିନ୍ନ ଉନ୍ନୟନରେ ସାହାର୍ଯ୍ୟ ଓ ସହଯୋଗ କରିବା ସଙ୍ଗଠନର ମୁଖ୍ୟ ଉଦ୍ଦେଶ୍ୟ ରହିବ ବୋଲି ବୈଠକରେ ଆଲୋଚନା ହୋଇଛି। ଇଂରାଜୀ ଅଧ୍ୟାପକ ତ୍ରୈଲୋକ୍ୟନାଥ ସାହୁ , ଅଧ୍ୟାପକ ଅଭୟ କୁମାର ପାତ୍ରଙ୍କ ସମେତ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।













Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ପାରଳାଖେମୁଣ୍ଡି,୯।୧(ସ୍ୱ.ପ୍ର.): ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧୀନ ଯାଜପୁର ଗ୍ରାମ ନିକଟ ପୋତଣୀ ପୋଖରୀ ନିକଟରେ ବୁଧବାର ରାତିରେ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ, ଯାଜପୁର ଗ୍ରାମର କାଳୀଦାସ ପ୍ରଧାନ(୨୯) ବୁଧବାର ସନ୍ଧ୍ୟାରେ ଶୌଚ ପାଇଁ ନିକଟସ୍ଥ ପୋଖରୀକୁ ଯାଇ ଫେରି ନ ଥିଲେ। ଫଳରେ ପରିବାର ଲୋକେ ଖୋଜାଖୋଜି କରି ବିଫଳ ହୋଇଥିଲେ। ରାତି ୧୦ଟାରେ ତାଙ୍କ ମୃତଦେହ ପୋଖରୀ ନିକଟସ୍ଥ ପୂର୍ତ୍ତବିଭାଗ ମୁଖ୍ୟରାସ୍ତା କଡ଼ରେ ପଡ଼ିଥିବା ଗ୍ରାମବାସୀ ସୂଚନା ପାଇଥିଲେ। କୌଣସି ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିବା ସୂଚନା ମିଳିଛି। ଖବର ପାଇଁ ପାରଳାଖେମୁଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜମତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ୮/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ପୋଲିସ ସୂଚନା ଦେଇଛି।

### ୧୮ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ

ପାରଳାଖେମୁଣ୍ଡି,୯।୧(ସ୍ୱ.ପ୍ର.) : ଗଜପତି ଜିଲା ଅଡ଼ବା ଥାନା ଅଧୀନ କାଞ୍ଚାମା ପଞ୍ଚାୟତର ବିଜୁକୁରା ଅଞ୍ଚଳରେ ଗୁରୁବାର ପୋଲିସ, ଅବକାରୀ ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୧୮ ଏକର ଜମିରେ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଚଢ଼ାଉବେଳେ ୩୬ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବାବେଳେ ଏହାର ମୂଲ୍ୟ ୩.୬ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି।

# ବଂଶଧାରାର ଜଳକୁ ନେଇ ତୁଟୁନି ବିବାଦ

**ରାଜେଶ ପଟ୍ଟନାୟକ**
କାଶୀନଗର,୯।୧

## ସୁପ୍ରିମ୍‌କୋର୍ଟରେ ଶୁଣାଣି ଆଜି



ସୁପ୍ରିମ୍‌କୋର୍ଟରେ ଶୁକ୍ରବାର ବଂଶଧାରା ଜଳ ବିବାଦର ଶୁଣାଣି ରହିଛି। ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଦୀର୍ଘ ଦିନରୁ ଏହାକୁ ନେଇ ବିବାଦ ଲାଗିରହିଛି। ଟ୍ରିବ୍ୟୁନାଲ୍‌ରୁ ବିବାଦ ଏବେ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ଶୁକ୍ରବାର ଏହି ବିବାଦର ଶୁଣାଣି ଉପରେ ଗଜପତି ଜିଲା କାଶୀନଗରବାସୀଙ୍କ ନଜର ରହିଛି।

ଓଡ଼ିଶାର କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରୁ ବଂଶଧାରା ନଦୀ ଏକ କ୍ଷୁଦ୍ର ସ୍ରୋତ ରୂପେ ଜନ୍ମ ନେଇଛି। ଏହାର ଦୈର୍ଘ୍ୟ ୨୫୪କିମି। ଏଥିରୁ ୧୪୩କିମି ଓଡ଼ିଶାରେ ରହିଥିବାବେଳେ ଆନ୍ଧ୍ରରେ ରହିଛି ୮୨କିମି। କାଶୀନଗର ବ୍ଲକ୍‌ର ପାଲସିଂଠାରୁ କିଡିଗାଁ ପର୍ଯ୍ୟନ୍ତ ୨୯କିମି ରହିଛି ଏହାର କମନ୍ ବାଉଣ୍ଡାରୀ। ଆନ୍ଧ୍ର ସରକାର ପକ୍ଷରୁ ୨ଟି ପର୍ଯ୍ୟାୟରେ ବଂଶଧାରା ନଦୀ ଉପରେ ନେରେଡି ବ୍ୟାରେଜ ଏବଂ କାଟ୍ରାଗୁଡ଼ାଠାରେ ଏକ ନଦୀବନ୍ଧ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିଲା। ଇତିମଧ୍ୟରେ ଆନ୍ଧ୍ର ପକ୍ଷରୁ ନେରେଡି ବ୍ୟାରେଜର ପ୍ରାୟ ୯୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଜଣାପଡ଼ିଛି। ଏହି ବ୍ୟାରେଜ ନିର୍ମାଣ ହେଲେ ଆନ୍ଧ୍ରରେ ୬୦ହଜାର ହେକ୍ଟର ଚାଷ ଜମିରେ ଜଳସେଚନର ସୁବିଧା ହୋଇପାରିବ। ତେବେ ବିଶେଷଜ୍ଞଙ୍କମାନଙ୍କ ମତ ଅନୁଯାୟୀ କାଟ୍ରାଗୁଡ଼ା ପ୍ରକଳ୍ପ ଦ୍ୱାରା ଓଡ଼ିଶାର ବିଶେଷ କ୍ଷତି ହେବ ନାହିଁ, କାରଣ ବର୍ଷା ଦିନରେ ନଦୀରେ ଦେଢ଼ ମିଟରରୁ ଊର୍ଦ୍ଧ୍ୱ ପାଣି ରହିଲେ ହିଁ ଆନ୍ଧ୍ର ପାଣି ପାଇପାରିବ। ତେବେ ଆନ୍ଧ୍ର ଦ୍ୱାରା ପ୍ରସ୍ତାବିତ ନେରେଡ଼ି ବ୍ୟାରେଜ ନିର୍ମାଣ ହେଲେ ଦକ୍ଷିଣ ଓଡ଼ିଶାର ଜିଲା ଗୁଡ଼ିକ ଏବଂ ବିଶେଷକରି ବଂଶଧାରା ନଦୀ କୂଳିଆ ଗଜପତି ଜିଲାର କାଶୀନଗର ବ୍ଲକ୍ ଓ ଏନଏସିର ପ୍ରଭାବିତ ହେବ। ଆନ୍ଧ୍ର ଏହି ବ୍ୟାରେଜରୁ ସୁବିଧାରେ ଜଳ ନେଇପାରିବ। ଫଳରେ କାଶୀନଗର ଅଞ୍ଚଳର ଜନସାଧାରଣ ଉକ୍ତ ଜଳସଙ୍କଟର ସମ୍ମୁଖୀନ ହେବେ। ଭୂତଳ ଜଳସ୍ତର କମିବା ଦ୍ୱାରା ନଦୀଶଯ୍ୟା ଶୁଷ୍କ ରହିବ। ଫଳରେ ନଦୀର ସ୍ଥାନ ପରିବର୍ତ୍ତନ ହେବାସହ ଜଳସେଚନର ସମସ୍ୟା ଯୋଗୁ ଚାଷଜମି ବିଶେଷ କ୍ଷତିଗ୍ରସ୍ତ ହେବ। ତେଣୁ ୨୦୦୬ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାରେଜ ନିର୍ମାଣକୁ ନେଇ ଆପତ୍ତି କରାଯାଇଥିଲା। କାଶୀନଗର ବ୍ଲକ୍‌ର ସାରା, ବାଡିଗାଁ ନିକଟବର୍ତ୍ତୀ ଅଞ୍ଚଳରେ ଏହି ବ୍ୟାରେଜ ନିର୍ମାଣ ହେବାର ପ୍ରସ୍ତାବ ରହିଥିବା ଯୋଗୁ ଲୋକେ ଏହାକୁ ବିରୋଧ କରିଆସୁଛନ୍ତି। ଯଦି କୋର୍ଟର ରାୟ ଆନ୍ଧ୍ର ସପକ୍ଷରେ ଯାଏ, କାଶୀନଗର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବା ନିଶ୍ଚିତ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବଂଶଧାରା ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ୍ ଗଠନ ହେବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ବ୍ୟାରେଜ ନିର୍ମାଣକୁ ନେଇ ରହିଥିବା ଆପତ୍ତି, ଅଭିଯୋଗ ଟ୍ରିବ୍ୟୁନାଲକୁ ପଠାଯାଇଥିଲା। ୨୦୧୭ ସେପ୍ଟେମ୍ବରରେ ବଂଶଧାରା ନଦୀ ଉପରେ ନେରେଡି ବ୍ୟାରେଜ ଏବଂ କାଟ୍ରାଗୁଡ଼ାଠାରେ ବନ୍ଧ ନିର୍ମାଣ ପାଇଁ ଟ୍ରିବ୍ୟୁନାଲ୍ ଆନ୍ଧ୍ରକୁ ଅନୁମତି ପ୍ରଦାନ କରିଥିଲେ। ଏଥିରେ ଆନ୍ଧ୍ର ପ୍ରତିବର୍ଷ ଜୁନ୍ ୧ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଷ ପାଇଁ ବ୍ୟାରେଜରୁ ଜଳ ବ୍ୟବହାର ପାଇଁ ଅନୁମତି ମିଳିଥିଲା। ଏହାପରେ ଦୁଇ ରାଜ୍ୟର ବ୍ୟବହାର ପାଇଁ ବଳକା ଜଳ ନଦୀକୁ ଛାଡ଼ିବା ପାଇଁ ଏଥିରେ ନିର୍ଦ୍ଦେଶ ରହିଥିଲା। ଏଥିସହ ଓଡ଼ିଶାକୁ ସମସ୍ତ କ୍ଷତିପୂରଣ ଏବଂ ଖର୍ଚ୍ଚ ପ୍ରଦାନ କରିବା ପାଇଁ ଟ୍ରିବ୍ୟୁନାଲ୍ କହିଥିଲେ। ଟ୍ରିବ୍ୟୁନାଲ୍ ଆନ୍ଧ୍ର ଓ ଓଡ଼ିଶା ଦ୍ୱାରା ଯୁଗ୍ମ ସର୍ଭେ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସର୍ଭେ ମଧ୍ୟ କରାଯାଇଥିଲା। ତେବେ ଓଡ଼ିଶା ସରକାର ଟ୍ରିବ୍ୟୁନାଲ୍ ରାୟ ବିରୋଧରେ ସୁପ୍ରିମକୋର୍ଟ ଯାଇଥିଲେ। ବିଚାରଣାବେଳେ ଓଡ଼ିଶା ତରଫରୁ ମତ ରଖାଯାଇଥିଲା ଯେ, ଯୁଗ୍ମ ସର୍ଭେ ପାଇଁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇପାରିବେ ନାହିଁ। ୧୯୯୦ରେ ବଂଶଧାରା ଜଳକୁ ନେଇ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ହୋଇଥିବା ବୁଝାମଣାର ଏହା ଉଲ୍ଲଂଘନ। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଉଭୟ ପକ୍ଷରୁ ଯୁକ୍ତି ଶୁଣିବା ପରେ ଜାନୁୟାରୀ ୧୦ତାରିଖରେ ସବୁ ମାମଲାର ଏକତ୍ର ବିଚାର କରାଯିବାପାଇଁ ଦିନ ଧାର୍ଯ୍ୟ କରିଥିଲେ। ଆଜି ଉକ୍ତ ରାୟ ପ୍ରକାଶ ପାଇବାକୁ ଥିବାବେଳେ କାଶୀନଗରବାସୀ ଏହାକୁ ଅପେକ୍ଷା କରିଛନ୍ତି। ରାୟ ଆନ୍ଧ୍ର ସପକ୍ଷରେ ଗଲେ କାଶୀନଗରରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବା ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ଗଜପତି ଜିଲା ଜଳସେଚନ ବିଭାଗର ଉପ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ରଥ କହିଛନ୍ତି, ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ କୌଣସି ମତାମତ ଦେବା ସମ୍ଭବ ନୁହେଁ । ରାୟ ପ୍ରକାଶ ପାଇବା ପରେ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରାଯିବ। ଅନ୍ୟପକ୍ଷରେ ଏହି ବିବାଦକୁ ନେଇ କାଶୀନଗର ଅଞ୍ଚଳର ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ନିଜ ପ୍ରତିକ୍ରିୟା ରଖିଛନ୍ତି।

## ସେମାନେ ଯାହା କୁହନ୍ତି...

"ବଂଶଧାରା ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ନେଇଥିବା ଆଇନଗତ ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଆଇନଗତ ଲଢେଇକୁ ତା ବାଟରେ ରଖି ସରକାର ଯୋଜନାଧୀନ ପାଣିଡଙ୍ଗର କ୍ଷୁଦ୍ରଜଳସେଚନ ପ୍ରକଳ୍ପ, ଚାଲଖମ୍ବା ନିକଟସ୍ଥ ସାନନଦୀରେ ବ୍ୟାରେଜ ଓ ମୀନାଝୋଲାଠାରେ ରିଜର୍ଭର୍ ନିର୍ମାଣ ନିମିତ୍ତ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ଉଚିତ୍।

**–ପ୍ରଶାନ୍ତ ମିଶ୍ର, ସଭାପତି , କାଶୀନଗର ନାଗରିକ ମଞ୍ଚ
କାଶୀନଗର ରଇତ ସଂଘ**

"ବଂଶଧାରା ଜଳ ବିବାଦର ସମାଧାନ ପାଇଁ ଓଡ଼ିଶା ସରକାର ଆନ୍ତରିକତାର ସହ କାର୍ଯ୍ୟ କରୁଛନ୍ତି। ସରକାରଙ୍କ କାର୍ଯ୍ୟ ଓଡ଼ିଶାବାସୀ ଜନସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଓଡ଼ିଶା ସରକାର ନିଶ୍ଚୟ ଏମିତି କିଛି କରିବେ, ଯଦ୍ୱାରା କାଶୀନଗରବାସୀ ବଂଶଧାରା ଜଳ ପାଇବା ଲାଗି ସମର୍ଥ ହେବେ। ମୁଁ ଏ ଦିଗରେ ସଂପୂର୍ଣ୍ଣ ଆଶାବାଦୀ।

**–ରଘୁରାମ ସାହୁ, କାଶୀନଗର ଟାଉନ୍ ବିଜେଡି ସଭାପତି**

"ବଂଶଧାରା ଜଳବିବାଦର ସମାଧାନ ଲାଗି ଓଡ଼ିଶା ସରକାର ଆନ୍ତରିକ ଉଦ୍ୟମ କରିବା ଉଚିତ୍। ନଚେତ ଲେଡ଼ିଗୁଡ଼ କହୁଣୀକୁ ବୋହିଯିବ।

**–ନଳିନୀକାନ୍ତ ପାତ୍ର, ପୂର୍ବତନ ଗଜପତି ଜିଲା ଭାଜପା ସଭାପତି**

"ମୁଁ ଜଣେ ଆଇନଜୀବୀ। ଓଡ଼ିଶା ସରକାରଙ୍କ ଆଇନଗତ ଲଢେଇ ବଂଶଧାରା ଜଳବିବାଦର ସମାଧାନ କରିବାକୁ ଅସମର୍ଥ ବୋଲି ମୁଁ କହୁନାହିଁ। ଆଇନର ଫାଙ୍କ ଦେଇ ବେଳେ ବେଳେ ଦୋଷୀ ଖସିଯାଉଥିବା ଭଳି ପରିସ୍ଥିତି ଏ କ୍ଷେତ୍ରରେ ସୃଷ୍ଟି ନ ହେଉ ବୋଲି କାମନା କରୁଛି। କଥା ଓ କାର୍ଯ୍ୟ ମଧ୍ୟରେ ଥିବା ପାର୍ଥକ୍ୟକୁ ଓଡ଼ିଶା ସରକାର ବୁଝିବା ଉଚିତ।

**–ଜି. ତିରୁପତି, ଆଇନଜୀବୀ**

"ଓଡ଼ିଶା ସରକାର, ଆନ୍ଧ୍ର ସରକାରଙ୍କଠାରୁ କିଛି ଶିଖିବା ଉଚିତ୍। ସେମାନେ ଆନ୍ଧ୍ରରେ ଥିବା ନଦୀର ଅଳ୍ପ ଅଂଶକୁ ବିନିଯୋଗ କରି ତାଙ୍କ ରାଜ୍ୟକୁ ଶସ୍ୟଶ୍ୟାମଳ କରିପାରୁଥିବାବେଳେ ଓଡ଼ିଶା ସରକାର ଚୁପ୍ ହୋଇ ବସିଛନ୍ତି। ଦଳମତ ନିର୍ବିଶେଷରେ ଆନ୍ଧ୍ର ବିକାଶ ପାଇଁ କାର୍ଯ୍ୟ କରୁଥିବାବେଳେ ସେମାନଙ୍କଠାରୁ ଶିଖିବାର ବେଳ ଆସିଛି ।

**–ବ୍ରଜ ନାୟକ, ଆଇନଜୀବୀ**

## ଆର୍‌କେଏସ୍‌ଏସ୍ ପକ୍ଷରୁ ଏସ୍‌ଏଚ୍‌ଜିଙ୍କୁ ତାଲିମ

ପାରଳାଖେମୁଣ୍ଡି, ୯।୧(ସ୍ୱ.ପ୍ର.)

ଆର୍‌କେଏସ୍‌ଏସ୍ ଅନୁଷ୍ଠାନ ଦ୍ୱାରା କାଶୀନଗର ବ୍ଲକ୍ ଅଲଡ଼ା ପଞ୍ଚାୟତରେ ଗୁରୁବାର ଇ-ଶକ୍ତି ସର୍ବେକ୍ଷଣ ଓ ମହିଳା ଏସ୍‌ଏଚ୍‌ଜିଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥିଭାବେ ଜିଲା ନାବାର୍ଡ ଅଧିକାରୀ ଏସ୍. ପାଲ୍, ଗଜପତି ଏଲ୍‌ଡିଏମ୍ କିଶୋରଚନ୍ଦ୍ର ନାଇକ, ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା, ସରପଞ୍ଚ ବାସନ୍ତୀ ଶବର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୩୪ ଏସ୍‌ଏଚ୍‌ଜିର ୬୪ ସଦସ୍ୟା, ସଭାନେତ୍ରୀ, ସମ୍ପାଦିକା, ଏମ୍‌ବିକେ ଯୋଗ ଦେଇଥିଲେ। ମୁଖ୍ୟତଃ ସ୍ୱୟଂ ସହାୟକ ଦଳ ଓ ବ୍ୟାଙ୍କ ମାଧ୍ୟମରେ ଯୋଗାଯାଗ, ଆର୍ଥିକ ସହାୟତା, ୧୦ ସୂତ୍ର କାର୍ଯ୍ୟ ପରିଚାଳନା, ବିଭିନ୍ନ ବୀମା ଓ ସ୍ୱାସ୍ଥ୍ୟବୀମା, ପେନ୍‌ସନ ଓ ଆରଏସଟିର ଦକ୍ଷତାଭିତ୍ତିକ ତାଲିମ, ନିୟମାବଳୀ, ଓଏଲଏମ୍‌ର ଆର୍ଥିକ ସହାୟତା କାର୍ଯ୍ୟକ୍ରମ, ଦଳର ଗ୍ରେଡିଂ ବିଷୟରେ ସଚେତନ କରାଯାଇଥିଲା । ତାଲିମ ମାଧ୍ୟମରେ ଦଳମଧ୍ୟରେ ଏକତା, ଋଣ କାରବାର, ବିଭିନ୍ନ ରୋଜଗାର ଭିତ୍ତିକ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ମିଶନ ଶକ୍ତିର ଆର୍ଥିକ ସହାୟତା ବିଷୟରେ ସୂଚନା ଦିଆଯାଇଥିଲା। ସେହିପରି ଇ-ଶକ୍ତି ମାଧ୍ୟମରେ ବ୍ୟାଙ୍କ ପକ୍ଷରୁ କମ୍ପ୍ୟୁଟର ଦେଇ ସମସ୍ତ ଗୋଷ୍ଠୀର ବିବରଣୀ ଜାଣିହେବ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀକାନ୍ତ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ତରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# 'ସଂଘ ହିଁ ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇଥାଏ'

ପାରଳାଖେମୁଣ୍ଡି,୯।୧(ସ୍ୱ.ପ୍ର)

## ମୋଟର ଚାଳକ ସଂଘର ବିଭିନ୍ନ କାର୍ଯ୍ୟକ୍ରମ




ବୈଠକରେ ଉପସ୍ଥିତ ଏସ୍‌ଡିପିଓ, ଜିଲା ଶ୍ରମ ଅଧିକାରୀ ଓ ସଂଘର ସଦସ୍ୟମାନେ।

ରାଜ୍ୟ ମୋଟର ଚାଳକ ସଂଘ ଗଜପତି ଶାଖା ପକ୍ଷରୁ ଗୁରୁବାର ସ୍ଥାନୀୟ କଲେଜ ଛକଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଛି। ଗଜପତି ଜିଲା ମୋଟର ଚାଳକ ସଂଘ ଓଡ଼ିଶା ମୋଟର ଚାଳକ ସଂଘର ଶାଖା ରୂପେ ନୂତନ ଭାବେ ପଞ୍ଜୀକରଣ ହେବାପରେ ସଂଘ ପକ୍ଷରୁ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ପୋଲିସ ଏସ୍‌ଡିପିଓ ପି.କେ. ଜେନା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ରାଜ୍ୟ ସଂଘର ସମ୍ପାଦକ ପ୍ରଭାକର ମଲ୍ଲିକ ଯୋଗଦେଇ ସଂଘ ଗଠନ ଦିଗରେ ଯେଉଁମାନେ ଉଦ୍ୟମ ଜାରି ରଖିଥିଲେ ସେମାନଙ୍କୁ ଧନ୍ୟବାଦ ଦେଇଥିଲେ। ଆମ୍ବୁଲାନ୍ସରେ ପ୍ରସୂତିଙ୍କୁ ନେବା ସହ ଗାଡ଼ିରେ ମୃତଦେହ ବୋହିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିଥାନ୍ତି। ଅନେକ ସମୟରେ ଗାଡ଼ି ଚାଳକଙ୍କ ନ୍ୟାର୍ଯ୍ୟଦାବୀ ସଂଘ ମାଧ୍ୟମରେ ହିଁ ଜିଲାସ୍ତରରୁ ରାଜ୍ୟସ୍ତର ତଥା ସରକାରଙ୍କ ନିକଟରେ ପହଞ୍ଚାଇବାର ସୁଯୋଗ ସୃଷ୍ଟି କରିଥାଏ। ତେଣୁ ଗଜପତି ଜିଲା ସଂଘ ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ କାର୍ଯ୍ୟକରିବ। ରାଜ୍ୟ ସଂଘ ମଧ୍ୟ ଜିଲା ସଂଘର ସମସ୍ୟାର ସମାଧାନପାଇଁ ସମସ୍ତ ସହାୟତା କରିବ ବୋଲି କହିଥିଲେ। ଗଜପତି ଜିଲା ଶ୍ରମ ଅଧିକାରୀ ମହେଶ୍ୱର ନାୟକ ଯୋଗଦେଇ ଜିଲା ସଂଘର ସଦସ୍ୟଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ ସକାଳେ ଏକ ବିରାଟ ଶୋଭାଯାତ୍ରା କଲେଜ ଛକରୁ ବାହାରି ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘର ନିର୍ବାହୀ ସଦସ୍ୟ ଦେବଦତ୍ତ ଡାକୁଆ, ଜିଲା ସଂଘର ସଭାପତି ଏନ୍. ଶ୍ରୀନିବାସ ରାଓ, ଉପସଭାପତି ଟି. ନାଗେଶ୍ୱର ରାଓ, ଉପସାଧାରଣ ସମ୍ପାଦକ ପି. ପ୍ରସାଦ ରାଓ, ଯୁଗ୍ମ ସଚିବ ଜଗଦୀଶ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଉମାଶଙ୍କର ଜେନା, କନିଷ୍ଠ କୋଷାଧ୍ୟକ୍ଷ ଗୌରୀ ଶଙ୍କର ସାହୁଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

# ଆଜିଠାରୁ ୫ ଦିନିଆ ଗଜପତି ଉତ୍ସବ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୯।୧ (ସ୍ୱ.ପ୍ର.)

- ଅପରାହ୍ନରେ ବାହାରିବ ମଶାଲ ଶୋଭାଯାତ୍ରା
- ୫ ଦିନରେ ୫୦ ଟିମ୍ ଦ୍ୱାରା ପରିବେଷଣ ହେବ ୭୧ କାର୍ଯ୍ୟକ୍ରମ
- ରାଜ୍ୟ ବାହାର କଳାକାରଙ୍କ କାର୍ଯ୍ୟକ୍ରମ, ବିଭିନ୍ନ ଷ୍ଟଲ୍ ପ୍ରମୁଖ ଆକର୍ଷଣ

ଆଜିଠାରୁ ୫ ଦିନିଆ ଗଜପତି ଉତ୍ସବ ଆରମ୍ଭ ହେଉଛି। ଏଥିପାଇଁ ହୋଇଥିବା ସମସ୍ତ ପ୍ରସ୍ତୁତି ଓ କାର୍ଯ୍ୟକ୍ରମ ନେଇ ଗୁରୁବାର ଜିଲାପାଳ ଅନୁପମ ଶାହା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଉତ୍ସବପାଇଁ ସମସ୍ତ ରୂପରେଖ ଚୂଡ଼ାନ୍ତ ହୋଇଥିବା ସେ କହିଛନ୍ତି। ଏଥିପାଇଁ ଶୁକ୍ରବାର ଅପରାହ୍ନରେ ସହରର ଜଗନ୍ନାଥ ମନ୍ଦିର ଠାରେ ପୂର୍ବରୁ ରଖାଯାଇଥିବା ମଶାଲକୁ ଏକ ବିଶାଳ ଶୋଭାଯାତ୍ରାରେ ଉତ୍ସବସ୍ଥଳ ଗଜପତି ଷ୍ଟାଡିୟମକୁ ନିଆଯିବ। ସନ୍ଧ୍ୟା ୬ଟାରେ ଉତ୍ସବର ଉଦ୍‌ଘାଟନ ହେବ। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶକ୍ତି ଓ କ୍ଷୁଦ୍ରଶିଳ୍ପ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ସମ୍ମାନୀତ ଅତିଥି ରୂପେ ମନ୍ତ୍ରୀ ପଦ୍ମିନୀ ଦିଆନ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲାପରିଷଦ ଅଧ୍ୟକ୍ଷା ଅନୀତା ରାଣୀ ବେହେରା, ପାରଳାଖେମୁଣ୍ଡି ବିଧାୟକ କେ. ନାରାୟଣ ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲାପରିଷଦ ଉପାଧ୍ୟକ୍ଷ ଆର୍. ବିଜୟକୁମାର ପ୍ରମୁଖ ଯୋଗଦେବେ। ସେହିପରି ପ୍ରତ୍ୟେକ ସନ୍ଧ୍ୟାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉତ୍ସବର ପ୍ରଥମ ୩ଦିନ ପଲ୍ଲୀଶ୍ରୀମେଳା, ଖାଦ୍ୟମେଳା ଅନୁଷ୍ଠିତ ହେବ ଏବଂ ଶେଷ ୨ ସନ୍ଧ୍ୟାରେ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ୫୦ଟିମ୍ ଦ୍ୱାରା ୭୧ କାର୍ଯ୍ୟକ୍ରମ ପରିବେଷଣ କରିବେ। ସେହିପରି ଲୋକପ୍ରିୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ୍ ମଧ୍ୟ ଉତ୍ସବରେ ଯୋଗଦେଇ ଶୋଭା ବଢ଼ାଇବେ। ଏହା ବ୍ୟତୀତ ଉତ୍ସବରେ ମହାରାଷ୍ଟ୍ର, ଗୁଜୁରାଟ, ହିମାଚଳ ପ୍ରଦେଶ, ହରିୟାନା, ମଧ୍ୟପ୍ରଦେଶ, ମଣିପୁର, ଆନ୍ଧ୍ର ପ୍ରଦେଶ ରାଜ୍ୟର ନୃତ୍ୟଶିଳ୍ପୀ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳା ଏବଂ ସଫଳତାର ସହ ସମ୍ପୂର୍ଣ୍ଣ କରିବାପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଏବଂ ସହଯୋଗର ଆବଶ୍ୟକ ରହିଛି ବୋଲି ଜିଲାପାଳ ଶାହା କହିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେବ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସରୋଜ କୁମାର ବେହେରା, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଉପସ୍ଥିତ ଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନାଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

## ସଂକ୍ଷେପରେ



### ଦାୟିତ୍ୱ ନେଲେ ଅତିରିକ୍ତ ଜିଲା ଦୌରା, ପରିବାର ଅଦାଲତ ଜଜ୍

**ରାୟଗଡ଼ା ଅଫିସ, ୯।୧:** ଅତିରିକ୍ତ ଜିଲା ଦୌରା ଜଜ୍ ଭାବେ ଜ୍ଞାନେନ୍ଦ୍ର କୁମାର ବାରିକ ଏବଂ ପରିବାର ଅଦାଲତ ଜଜ୍ ଭାବେ ଆଶିଷ କୁମାର ତ୍ରିପାଠୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ରାୟଗଡ଼ା ବାର ଆସୋସିଏଶନ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ଜଜ୍ ସୋମ ଶେଖର ଜେନା , ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ସବ୍ ଜଜ୍ ଶତରୂପା ଶତପଥୀ, ଜେଏମ୍ଏଫ୍‌ସି ଶୋଭନ କୁମାର ପଣ୍ଡା, ସୂର୍ଯ୍ୟ ନାରାୟଣ ମହାନ୍ତି, ଡ଼ିଏଲ୍ଏସ୍ଏ ସମ୍ପାଦକ ନିରଞ୍ଜନ ମିଶ୍ର, ଅଧକ୍ଷ ହିମାଂଶୁ ଶେଖର ବ୍ରହ୍ମା, ଓକିଲ ସଂଘ ସଭାପତି ବ୍ରଜସୁନ୍ଦର ନାୟକ, ସମ୍ପାଦକ ପଦ୍ମନାଭ ଦାସ, ସହ ଆଇନଜୀବୀ ଲାବନ୍ୟ ମୋହନ ପଟ୍ଟନାୟକଙ୍କ ସମେତ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।

### ସାଇକେଲ, ସ୍କୁଟି ଜାଳିଦେଲେ ଦୁର୍ବୃତ୍ତ

**ରାୟଗଡ଼ା ଅଫିସ, ୯।୧:** ରାୟଗଡ଼ା ସହର ରିଂ ରୋଡସ୍ଥିତ ଜୟନ୍ତୀ ନାମୁଡ଼ାଙ୍କ ଘରେ ଥିବା ଏକ ସାଇକେଲ ଏବଂ ସ୍କୁଟିକୁ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଜାଳି ଦେଇଛନ୍ତି। ଏହାର କାରଣ ଏଯାଏଁ ସ୍ପଷ୍ଟ ହୋଇନି। ଏ ନେଇ ଜୟନ୍ତୀ ରାୟଗଡ଼ା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ୯/୨୦ରେ ମାମଲା ରୁଜୁ କରିଛି। କିଏ କେଉଁ କାରଣରୁ ଏପରି କାଣ୍ଡ ଘଟାଇଛି ତାହାର ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

### ଜବତ ଧାନ ସହ ଗାଡ଼ି ଛାଡ଼ିବାକୁ ଦାବି

**ଜୟପୁର,୯।୧(ଡି.ଏନ୍.ଏ.):** କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ବି. ମାଝିଗୁଡା ଗ୍ରାମର ଚାଷୀ ଗଣେଶ୍ୱର ସାହୁ ତାଙ୍କ ଜମିରୁ ଗତ ବର୍ଷର ଅମଳ ଧାନ ବିକ୍ରି ପାଇଁ ଆଣୁଥିଲେ। ପିକ୍ଅପ୍ ଭ୍ୟାନ୍ ସହ ୪୯ କୁଇଣ୍ଟାଲ ଏବଂ ବିକ୍ରି ପରେ ଚଳିତ ବର୍ଷର ନୂଆ ଧାନ ୨୦ କୁଇଣ୍ଟାଲ ସମୁଦାୟ ୭୦ କୁଇଣ୍ଟାଲ ଧାନକୁ ଯୋଗାଣ ବିଭାଗ ଦୁଇଦିନ ତଳେ ଜବତ କରିଛି। କିନ୍ତୁ ଉକ୍ତ ଧାନ ନିଜସ୍ୱ ୨ ଏକର ୩୦୮ ଡେସିମିଲ ଜମିରେ ଅମଳ ହୋଇଥଲା ବୋଲି ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଲିଖିତ ଜଣାଇଛନ୍ତି ଗଣେଶ୍ୱର। ତେଣୁ ତୁରନ୍ତ ଜବତ ଗାଡ଼ି ଓ ଧାନ ଫେରାଇବାକୁ ସେ ଦାବି କରିଛନ୍ତି । ଗତ ବର୍ଷର ତାଙ୍କ ଚାଷ ଜମିରୁ ଅମଳ ପୁରୁଣା ଧାନ ୪୯ କୁଇଣ୍ଟାଲ ରହିଥିଲା। ଚଳିତ ବର୍ଷ ଅମଳ ୨୯ କୁଇଣ୍ଟାଲ ଧାନ ମଣ୍ଡିରେ ସରକାରଙ୍କୁ ବିକ୍ରି କରିବା ସେ ଟଙ୍କା ପାଇଛନ୍ତି। ଏନେଇ ସେ ସମସ୍ତ ତଥ୍ୟ ଓ ଫୁଟ୍ ପୋର୍ଟାଲ ଅନୁଯାୟୀ ସମସ୍ତ ସୂଚନା ଦେଇଛନ୍ତି ।

■ ବଳକା ଧାନ ବିକ୍ରି ନେଇ ଦାବି

### ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ

**ଜୟପୁର,୯।୧ (ଡି.ଏନ.ଏ):** କୋରାପୁଟ ଜିଲାରେ ବିହନ ନିଗମରେ ପଞ୍ଜୀକୃତ ଚାଷୀଙ୍କ ବଳକା ଅମଳ ଧାନ ବିକ୍ରି ନିମନ୍ତେ ଅନଲାଇନରେ ବାଦ ପଡିଛନ୍ତି। ପୁନର୍ବାର ସେମାନଙ୍କ ନାମ ଅପଲୋଡିଂ କରିବା ନେଇ ଚାଷୀମାନେ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କୁ ଭେଟି ଦାବି କରିଛନ୍ତି । ଚାଷୀ ମନୋଜ ପାତ୍ର, ଜେ.ରମେଶ ପ୍ରମୁଖ ଭେଟିବା ସହିତ ଏନେଇ ଆଲୋଚନା କରିଥିଲେ । ଭୁବନେଶ୍ୱରର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସହିତ ବାଦ ପଡିଥିବା ଚାଷୀଙ୍କ ନାମ ଏବଂ ସମ୍ପୂର୍ଣ୍ଣ ବିବରଣି ପ୍ରଦାନ କଲେ ଏହାର ତଦନ୍ତ କରାଯିବ । ଯେଉଁ ବିହନ ନିଗମର ପଞ୍ଜୀକୃତ ଚାଷୀଙ୍କର ୫ ଏକରରୁ ଉର୍ଦ୍ଧ୍ୱ ଜମି ରହିଛି, ସେମାନଙ୍କୁ ମଣ୍ଡିରେ ଧାନ ବିକ୍ରି ନିମନ୍ତେ ସୁଯୋଗ ଦିଆଯିବ ବୋଲି ଜିଲା ଯୋଗାଣ ଅଧିକାରୀ କହିଛନ୍ତି । ଜିଲାରେ ବିହନ ନିଗମରେ ପଞ୍ଜୀକୃତ ୩୧୬ ଚାଷୀଙ୍କ ଏକ ସୂଚି ସ୍ଥାନୀୟ ନିଗମ କାର୍ଯ୍ୟାଳୟରୁ ଯୋଗାଣ ନିଗମକୁ ପ୍ରଦାନ କରାଯାଇଥିଲା । ଉଭୟ ନିଗମ ଏବଂ ମଣ୍ଡିରେ ଧାନ ବିକ୍ରି ହେଉଥିବା ନେଇ ବିଭାଗ ପକ୍ଷରୁ ୫୭ ଚାଷୀଙ୍କ ନାମକୁ ସରକାରଙ୍କ ଧାନ କ୍ରୟ କେନ୍ଦ୍ର ଅନଲାଇନ ସୂଚିରୁ ବାଦ ଦିଆଯାଇଥିଲା ।

■ ବିଭିନ୍ନ ୱାର୍ଡ ବୁଲିଲେ ଉପଜିଲାପାଳ

# ତଦାରଖ କଲେ ଉନ୍ନୟନ କାର୍ଯ୍ୟ

**ଗୁଣପୁର,୯।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ବୁଧବାର ପୌର ପରିଷଦ ଅଧୀନ ବିଭିନ୍ନ ୱାର୍ଡ ବୁଲି ଦେଖିଛନ୍ତି । ଏଥିସହ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । ପୌର ପରିଷଦ ଅଧୀନ ୧୨,୧୩,୧୪ ଏବଂ ୧୫ ନଂ ୱାର୍ଡକୁ ଯାଇ ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଥିଲେ । ୱାର୍ଡଗୁଡିକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ । ଆଗ୍ରାହାରମ ସାହିରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ, ଡ୍ରେନ ମରାମତି, ତାହା ଉପରେ ଘୋଡଣି ପକାଇବା, ପରିମଳ ସେବା, ଠିକ୍ ଭାବେ ପାନୀୟ ଜଳଯୋଗାଣ ଆଦି ନେଇ ଆଲୋଚନା କରିଥିଲେ । ଏହି ସମୟରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଉମା ପ୍ରସାଦ ଦାସ, ବିଭାଗୀୟ ଯନ୍ତ୍ରୀଙ୍କ ସମେତ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ଅଗ୍ରୱାଲ, ପୂର୍ବତନ କାଉନସିଲର ଏବଂ ପୌର ପରିଷଦର କର୍ମଚାରୀମାନେ ଉପସ୍ଥିତ ଥିଲେ ।



ଉପଜିଲାପାଳ ଜଣେ ମହିଳାଙ୍କଠାରୁ ସମସ୍ୟା ପଚାରି ବୁଝୁଛନ୍ତି।

■ ଟ୍ୟାଙ୍କର– ଟ୍ରକ୍ ଧକ୍କା

# ରାସ୍ତା ଉପରେ ଜଳିଗଲା ଟ୍ୟାଙ୍କର

**ରାୟଗଡ଼ା ଅଫିସ,୯।୧**

ରାୟଗଡ଼ାର ପିତାମହଲସ୍ଥିତ ଦୁର୍ଗାମନ୍ଦିର ନିକଟରେ ଗୁରୁବାର ଭୋରରେ ଟ୍ୟାଙ୍କର ଓ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ରାସ୍ତା ଉପରେ ଟ୍ୟାଙ୍କରଟି ଜଳିଯାଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଦୁର୍ଘଟଣା ପରେ ଘଟଣାସ୍ଥଳରେ ୪ ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଟ୍ୟାଙ୍କର (ନମ୍ବର ପି ବି ୦୨ ସି ସି ୧୩ ୧୩) ଟି ପେରକସାଇଡ଼ ନେଇ ଆନ୍ଧ୍ରରୁ ଜେକେପୁର ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଲୁହା ବୋଝେଇ ଟ୍ରକ (ନମ୍ବର ସି ଜି –୦୪ – ଏମ୍‌କ୍ୟୁ – ୭୫୭୦) ସହ ଧକ୍କା ହୋଇଥିଲା ।



ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଓ ଟ୍ରକ।



### ଜିଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା ଅଫିସ,୯।୧**

ସ୍ୱଚ୍ଛତା ନେଇ ଜିଲାସ୍ତରୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଚାଇଲ୍ଡ ଲାଇନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସ୍ୱଚ୍ଛତା ରହିବା ନେଇ କହିଥିଲେ। ସେବା ସମିତି, ମାଟିକଣା ସ୍କୁଲ ଏବଂ ଗ୍ରାମାଞ୍ଚଳର ପିଲାଙ୍କୁ ନେଇ ଏହି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ରଙ୍ଗୋଲି, ଡ୍ରଇଂ, ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ହୋଇଥିଲା। ଡ଼ିପିସି ଆନେସ୍ଥେସିଆ କେର୍କେଟା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ୱାହିଦା ବେଗମ, ଚାଇଲ୍ଡ ଲାଇନ ନିର୍ଦ୍ଦେଶିକା ସଂଘମିତ୍ରା ମହାପାତ୍ର, କୋଅର୍ଡ଼ିନେଟର କେ . ନିଳିମାଙ୍କ ସହ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇନ ଅଭିମୁଖୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଗୁଣପୁର,୯।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁରର ଏକ ଲଜ୍‌ରେ ନିର୍ଯାତନା ନିବାରଣ ଆଇନ,ସୂଚନା ଅଧିକାର ଆଇନ ଓଡିଶା ଲୋକସେବା ଅଧିକାର ଆଇନ ଅଭିମୁଖୀକରଣ ସମ୍ବନ୍ଧୀୟ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଏସସି,ଏସଟି ରିସର୍ଚ୍ଚ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ଭୁବନେଶ୍ୱରର ଟି.ଏସ. ଚତୁର୍ବେଦୀ, ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଜି.ବି.ମିଶ୍ର, ଗୁଣପୁର ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥା ପୁଟାସିଂର ସ୍ୱତନ୍ତ୍ର ଅଧିକାରୀ କୃପାସିନ୍ଧୁ ବେହେରା, ଅନୁଗୋଳ ଜିଲାର ପରିବାର ମଙ୍ଗଳ ଅଧିକାରୀ ମୀରା କୁମାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ ଆଇନ ଉପରେ ମାର୍ଗ ଦର୍ଶନ କରିଥିଲେ। ଏହି ଶିବିରରେ ଗୁଣପୁର ଉପଖଣ୍ଡର ପଞ୍ଚାୟତ ଲୋକ ପ୍ରତିନିଧି, ବନ ବିଭାଗର କର୍ମଚାରୀ, ରାଜସ୍ୱ ବିଭାଗ କର୍ମଚାରୀ, ଏନ୍‌ଜିଓ, ଆଦିବାସୀ ନେତା ପ୍ରମୁଖ ଯୋଗ ଦେଇଥିଲେ । ଗୁଣପୁର ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଏ.ଶ୍ରୀନିବାସ ଆଚାରୀଙ୍କ ସମେତ ଆଇଟିଡିଏର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ଲକ୍ଷ୍ମୀନାରାୟଣ ସାବତ ଗୁଣପୁର ଅତିରିକ୍ତ ତହସିଲଦାର

**ଗୁଣପୁର,୯।୧(ଡି.ଏନ.ଏ)**

ଗୁଣପୁର ଅତିରିକ୍ତ ତହସିଲଦାର ଭାବେ ଲକ୍ଷ୍ମୀ ନାରାୟଣ ସାବତ ବୁଧବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ କୋରାପୁଟ ଜିଲା ଦାମନଯୋଡିରେ ମଧ୍ୟ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ।



ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅବସରରେ ଗୁରୁବାର ମା’ ମଝିଘରିଆଣୀ ମନ୍ଦିରରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

### ତମାଖୁମୁକ୍ତ ଅଞ୍ଚଳ ପାଇଁ ସଚେତନତା ଶିବିର

**ବୋରିଗୁମ୍ମା,୯।୧(ଡି.ଏନ୍.ଏ.)**

ବୋରିଗୁମ୍ମାସ୍ଥିତ କନିଷ୍ଠ ଭୈରବ ମହାବିଦ୍ୟାଳୟରେ ତମାଖୁମୁକ୍ତ ଅଞ୍ଚଳ ପାଇଁ ଦିନିକିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଉକ୍ତ ଶିବିରରେ ମହାବିଦ୍ୟାଳୟ ଅଧକ୍ଷ ଦାଶରଥୀ ଗୌଡ଼ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଡ. ଏସ୍.ଟି. ପ୍ରୟାଗ, ସ୍ୱାସ୍ଥ୍ୟ ବିଭାଗର ଜିଲା ସଂଯୋଜକ ସତୀଶ କୁମାର ତ୍ରିପାଠୀ, ଶ୍ୟାମସୁନ୍ଦର ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ଜାତୀୟ ତମାଖୁ ନିୟନ୍ତ୍ରଣ ଯୋଜନାରେ ତମାଖୁ ସେବନ ଦ୍ୱାରା ହେଉଥିବା ଭୟାବହ ରୋଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଅଧ୍ୟାପକ ସୁଧାଂଶୁ ପଟ୍ଟନାୟକ, ପ୍ରଦୀପ୍ତ ସ୍ୱାଇଁ, ନିହାରିକା ପଣ୍ଡା, ପଦ୍ମଭୂଷଣ ଦାଶ ସହଯୋଗ କରିଥିଲେ।

# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**କୋଟପାଡ଼,୯।୧(ଡି.ଏନ୍.ଏ.)**

କୋଟପାଡ଼ ତହସିଲଦାର କାର୍ଯ୍ୟାଳୟ ସଭାଗୃହରେ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ତହସିଲଦାର ଦ୍ୟୁତିକୃଷ୍ଣ ପାତ୍ର, ସହ ସମ୍ପାଦକ ଗଣେଶଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ। ଭୈରବ ପଡ଼ିଆରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେବେ। ଏହା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଓକିଲ ସଂଘ ସଭାପତି ମଣି ପ୍ରସାଦ ପଟ୍ଟନାୟକ, ପଙ୍କଜ ପାତ୍ର, ଏନ୍ଏସି ପୂର୍ବତନ ଅଧକ୍ଷ ଏମ୍. ଶଙ୍କର ରାଓ, ତ୍ରିପତି ବାଲାଜି ମହାନ୍ତି, ବୁଲୁ ହୋତା, ସୁଶାନ୍ତ ବକ୍ସି, କୋଟପାଡ଼ ଥାନା ଆଇଆଇସି ଉଲ୍ଲାସ ମାଝି, ଏବିଓ ବିଚିତ୍ରାନନ୍ଦ ସେଠୀ, ବାପୁନ ତ୍ରିପାଠୀ, ଆରୁଖ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ୬୮୧ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

**ମୁନିଗୁଡା,୯।୧(ଡି.ଏନ୍.ଏ.)**



ମନ୍ତ୍ରୀ ଜଗନ୍ନାଥ ସାରକା ଜଣେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି ।

ରାୟଗଡ଼ା ଜିଲା ମୁନିଗୁଡାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପ ପରିସରରେ ଗୁରୁବାର ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୬୮୧ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି । ଅନୁସୂଚିତ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୨୨ଟି ଗ୍ରାମର ହିତାଧିକାରୀଙ୍କୁ ଏହି ପଟ୍ଟା ପ୍ରଦାନ କରିଥିଲେ । ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭାଗୀରଥି ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା, ସମିତି ସଭ୍ୟା ଲବଣି ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ବାପା ମା’ଙ୍କ ସହ ଯୁଧିଷ୍ଠିର ବିଡ଼ିକା।

# ଓଏଏସ୍ ପାଇଲେ ଦଳିତ ଯୁବକ

**ଗୁଡାରୀ, ୯।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡାରୀ ବ୍ଲକ ପେଣ୍ଡିଲି ପଞ୍ଚାୟତ ଗୌଡ଼ ଢ଼େପାଗୁଡା ଗାଁର ଯୁଧିଷ୍ଠିର ବିଡ଼ିକା ଓଏଏସ୍ ପରୀକ୍ଷାରେ ୧୨୫ତମ ସ୍ଥାନରେ ରହି କୃତିତ୍ୱ ହାସଲ କରିଛନ୍ତି। ପୂର୍ବରୁ କାନ୍ଦରାଗୁଡା ଗ୍ରାମର ଅର୍ଜୁନ ଶବର ଓଏଏସ୍ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିବା ବେଳେ ଯୁଧିଷ୍ଠିର ଉକ୍ତ ଅଞ୍ଚଳରେ ଦ୍ୱିତୀୟ । ପଛୁଆ ତଥା ଆଦିବାସୀ ଅଧ୍ୟୁଷିତ ଗାଁରେ ଜନ୍ମ ହୋଇଥିବା ଯୁଧିଷ୍ଠିର ନିଜର ପ୍ରାଥମିକ ଶିକ୍ଷା ଗାଁ ସ୍କୁଲରେ କରିଥିବାବେଳେ ଷଷ୍ଠ ଶ୍ରେଣୀରୁ ଯୁକ୍ତଦୁଇ ପର୍ଯ୍ୟନ୍ତ ନବୋଦୟ ବିଦ୍ୟାଳୟ, ବିଷମକଟକରେ ଅଧ୍ୟୟନ କରିଥିଲେ। ଭୁବନେଶ୍ୱରରେ ଏଗ୍ରିକଲଚରାଲ ଇକୋନୋମିକ୍‌ରେ ପି.ଜି. ପାଠ୍ୟକ୍ରମ ଶେଷ କରିଥିଲେ। ଏହି ଦୁଇବର୍ଷ ମଧ୍ୟରେ ସେ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ। ଏଥିଲାଗି ସେ ଦୈନିକ ୮ରୁ ୯ ଘଣ୍ଟା ପାଠ ପଢୁଥିବା ପ୍ରକାଶ କରିଛନ୍ତି। ପ୍ରତିଦିନ ଖବରକାଗଜ ଓ ଦି ହିନ୍ଦୁ ପଢ଼ିଥାନ୍ତି ସେ। ପରେ ସେ ୨୦୧୯ରେ ମୁନିଗୁଡା ବ୍ଲକରେ ଓଡ଼ିଶା ଜୀବିକା ମିଶନରେ ନିଯୁକ୍ତି ପାଇଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଗାଁରେ ମୋବାଇଲ ସେବା ନାହିଁ। ବାପା ନବୀନ ବିଡ଼ିକା ଜଣେ ଗଣଶିକ୍ଷକ । ଏହି ସଫଳତା ନିଜ ପିତା, ମାତା ,ଗୁରୁ (ନକୁଲଲିମା) କୋଚିଂ ଶିକ୍ଷକ ଲିନା ମ୍ୟାଡାମ, ଦେବୀ ସାର ଏବଂ ସର୍ବନାରାୟଣ ମିଶ୍ରଙ୍କ ଯୋଗୁ ପାଇଥିବା କହିଛନ୍ତି । ଦୁର୍ଗମ ଅଞ୍ଚଳର ଛାତ୍ରୀଛାତ୍ର ପରିଶ୍ରମ କଲେ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚିବେ। ନିଜ ଅଞ୍ଚଳର ବିକାଶ ପ୍ରତି ସୁଯୋଗ ମିଳିଲେ ଧନ୍ୟ ମନେ କରିବେ ବୋଲି କହିଛନ୍ତି । ବର୍ତ୍ତମାନ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି।

# ଏପିଆଇ ପକ୍ଷରୁ ଆନ୍ଦୋଳନ




ଏପିଆଇ ପକ୍ଷରୁ କରାଯାଇଥିବା ଆନ୍ଦୋଳନ।

**ରାୟଗଡ଼ା ଅଫିସ,୯।୧**

ଆମ୍ବେଡ଼କରାଟେ ପାର୍ଟି ଅଫ ଇଣ୍ଡିଆ (ଏପିଆଇ) ରାୟଗଡ଼ା ଶାଖା ପକ୍ଷରୁ ଏନ୍ଆର୍‌ସି , ଏନଆରପି , ଏବଂ ସିଏଏ ବିରୋଧରେ ଆନ୍ଦୋଳନ କରାଯାଇଛି। ଏଥିସହ ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସିଟିଜେନ ଆମେଣ୍ଡମେଣ୍ଟ ଆକ୍ଟ (ସିଏଏ ) ଧର୍ମ ନାମରେ ବିଦେଶୀଙ୍କୁ ନାଗରିକତ୍ୱ ଦେଉଥିବାରୁ ଏହାକୁ ବିରୋଧ କରାଯାଇଛି । ନ୍ୟାଶନାଲ ପପୁଲେଶନ ରେଜିଷ୍ଟର (ଏନ୍‌ପିଆର୍) ଏଠାରେ ଆଧାର ନମ୍ବର ଭଳି କିଛି ବ୍ୟକ୍ତି ଗତ ତଥ୍ୟ ନିଆଁଯିବାର ପ୍ରାବଧାନ ଥିବାରୁ ଏହାକୁ ବିରୋଧ କରାଯାଇଛି । ସିଏଏ ଓ ଏନଆରପିର ତଥ୍ୟକୁ ଏନଆରସିରେ ବ୍ୟବହୃତ କରାଯିବା ସମ୍ଭାବନା ରହିଥିବାରୁ ଏହାକୁ ବିରୋଧ କରାଯାଉଛି। ପୁଣି ଏହି ସମସ୍ତ ନିୟମଗୁଡ଼ିକ ସମ୍ବିଧାନର ମୂଳ ଉଦ୍ଦେଶ୍ୟ ଖଣ୍ଡନ କରୁଛି । ସିଏଏ ଭାରତ ସମ୍ବିଧାନର ମୁଖବନ୍ଧରେ ଥିବା ସମତା, ସ୍ୱତନ୍ତ୍ରତା , ଭ୍ରାତୃତ୍ୱ ନ୍ୟାୟକୁ କ୍ଷୁଣ୍ଣ କରୁଛି । ସରକାର ବହୁ ଥର ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ସମୟ ସମୟରେ ଏନ୍ଆର୍‌ସି, ଏନ୍‌ପିଆର୍ ଘୋଷଣା କରୁଛନ୍ତି । ଏହା ଏପିଆଇ ଜିଲା ସଭାପତି ସନ୍ତୋଷ କୁମାର ବିଡ଼ିକାଙ୍କ ନେତୃତ୍ୱରେ ହୋଇଥିଲା । ଜିଲା ସମ୍ପାଦକ ରଞ୍ଜନ କୁମାର ତାଡ଼ିଙ୍ଗୀ ଏବଂ କମିଟି ସଦସ୍ୟଙ୍କ ସହ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ ।

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼**

୧. ବିଷାକ୍ତ ଜୀବନାଶକର ସଠିକ ଓ ନିରାପଦ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ।
୨. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ୬୨ଟି କୃଷି ଭିତ୍ତିକ ପ୍ରକଳ୍ପରେ ୪୦–୫୦% ରିହାତି ପାଆନ୍ତୁ।
୩. ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଓ ଅଭିନବ ପରିକଳ୍ପନା ପାଇଁ କୁଶଳୀ କାରିଗରମାନଙ୍କୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସମ୍ମାନ ଓ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଅଭିନବ ଯନ୍ତ୍ରପାତି ପାଇଁ ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ ଜଣ ଜିଲ୍ଲା ପ୍ରତି) ୯୦ଜଣଙ୍କୁ ପୁରସ୍କାର ଦିଆଯିବ। ସେହିପରି ଅଭିନବ ପରିକଳ୍ପନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଏବଂ ଜିଲ୍ଲାସ୍ତରରେ (୧ଜଣ ଜିଲ୍ଲା ପ୍ରତି) ୩୦ଜଣଙ୍କୁ ପୁରସ୍କୃତ କରାଯିବ।
୪. କୃଷି ଯାନ୍ତ୍ରିକରଣ ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ସମସ୍ତ କୃଷି ଉପକରଣ ପାଇଁ ୪୦–୫୦% ରିହାତି ବ୍ୟବସ୍ଥା ରହିଛି।
୫. ଠିକ ମାନର ମାଣ୍ଡିଆ ନିକଟସ୍ଥ ମଣ୍ଡିରେ ବିକ୍ରିକରି ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଆନ୍ତୁ। ବରଗଡ଼ ଜିଲ୍ଲାର ୧୦ଗୋଟି PACS (ଏମ. ଶ୍ରୀଗିଡା/ବଡ ବାଉସେନ/କନସିଙ୍ଘା/ବୁଢ଼େନ/ପାଇକମାଳ/ଜାମସେଠ/ଡଭା/ଝାରବନ୍ଧ/କଣ୍ଟାବାହାଲ/କଠଉମାଲ) ରେ ମାଣ୍ଡିଆ କ୍ରୟ କରିବାର ବ୍ୟବସ୍ଥା ରହିଛି।
୬. **kalia.co.in Portal** ରେ କାଳିଆ ଯୋଜନା ସମ୍ବନ୍ଧିତ ଅଭିଯୋଗ ଦାଖଲ କରନ୍ତୁ।

**ସ୍ୱା./-**
**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼**

**ସମ୍ବଲପୁରୀ ବସ୍ତ୍ରାଳୟ**

**ମକର ଓ ପୋଙ୍ଗଲ ଉପଲକ୍ଷେ ବିଶେଷ ରିହାତି**

**୧୦%+୨୦%**

**ତା.୧୦।୦୧।୨୦୨୦ ରୁ ତା.୧୫।୦୧।୨୦୨୦ ପର୍ଯ୍ୟନ୍ତ**

**ନୂତନ ବସ୍ତ୍ରର ସମ୍ଭାର**

ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ, ସୁଟ୍ ସେଟ ଇତ୍ୟାଦି।

**ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।**

| ସ୍ଥାନ | ଅବଧି |
|---|---|
| ୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ ସାମନା, ବରଗଡ଼ | ତା.୨୦।୧୨।୨୦୧୯ ରୁ ତା.୧୫।୦୧।୨୦୨୦ |
| ୨. ଏନ୍.ଏଚ୍ ଏକ୍ସପୋ, ଷ୍ଟଲ ନଂ.୪୨, ବରଗଡ଼ | ତା.୨୮।୧୨।୨୦୧୯ ରୁ ତା.୧୯।୦୧।୨୦୨୦ |
| ୩. ଲାଠ ହାର୍ଡୱାର ସାମନା, ଏନ୍ ଏଚ୍–୬, ବରଗଡ଼ | ତା.୦୧।୦୧।୨୦୨୦ ରୁ ତା.୧୧।୦୧।୨୦୨୦ |
| ୪. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୧୦।୦୧।୨୦୨୦ ରୁ ତା.୧୯।୦୧।୨୦୨୦ |